ଗ୍ରେମାଥିଁ
କାହାଣୀମାଳା



355

# ଲହୁର ଢେଉ

ହେମାଙ୍ଗ କାହାଣୀମାଳା—୨ୟ ଖଣ୍ଡ

# ଲହୁର ଢେଉ

01355
1. 8. ୬୦.

ସୁରଜାଁ ସାହେବ୍

ପ୍ରକାଶକ—

ଗୁଇନା ଭୋଠି

କଟକ—୨

ପ୍ରଥମ ପ୍ରକାଶ —
ଦଶହରା, ୧୯୫୯

—: ପ୍ରାପ୍ତିସ୍ଥାନ :—

ଓରିଏଣ୍ଟାଲ୍ ବୁକ୍ ହାଉସ୍

ବାଲୁବଜାର, କଟକ-୨

ମୂଲ୍ୟ—
ପାଞ୍ଚ ସିକା ମାତ୍ର

ଶୀତୁଆ ରାତିର ନୀରବତାକୁ ପରାସ୍ତ କରି ସେଣ୍ଟ୍ରାଲ ଜେଲ୍‌ର ବିପଦ ଘଣ୍ଟି ହଠାତ୍ ବାଜି ଉଠିଲା—ଖୁବ୍ ଜୋରରେ ଠନ୍ ଠନ୍ ହୋଇ ।

ସେଣ୍ଟ୍ରାଲ ଜେଲଟା ନୁହେଁ; ସତେ ହିଁ ଗୁମ୍ଫା ! ବିରାଟ, ଦୁର୍ଗ ପ୍ରାସାଦ । ଚାରିପାଖରେ ଦୁର୍ଭେଦ୍ୟ ପାଚେରି, ସେଥିରେ ପୁଣି ପୋଲିସ ପହରା । ବିପଦ କଣ ? ଭାବୁ ଭାବୁ ଡ୍ରେସ୍ କରି ଚୌକିଦାରୀକୁ ପଛକୁ ପେଲିଦେଇ ବାହାରକୁ ଚାଲି ଆସିଲେ, ଥାନା ଇନ୍‌ଚାର୍ଜ ଅଫିସର ସୁରେନ୍ଦ୍ର ବାବୁ । ଅବିଶ୍ରାନ୍ତ ଭାବରେ ଘଣ୍ଟି ବାଜି ଚାଲିଥାଏ ସେତେବେଳ ପର୍ଯ୍ୟନ୍ତ । ଧନ ଧନ ହୁଇସିଲ୍ ଦେଇ ପୁଲିସ ଏକରକମ ଦଉଡ଼ି ଦଉଡ଼ି ଚାଲି ଆସିଲେ ଜେଲ୍ ଫାଟକ ପର୍ଯ୍ୟନ୍ତ । ଫାଟକ ଖୋଲି ଭିତରକୁ ପଶିବାକୁ ଉଦ୍ୟତ ହେଉଛନ୍ତି, ଠିକ୍ ସେତିକିବେଳେ ଗୁଡୁମ୍ କରି ବନ୍ଧୁକ ଆବାଜ ହେଲା—ଜେଲ୍ ଭିତରୁ । ପର ମୁହୂର୍ତ୍ତରେ ଯେଉଁଠାଏ ସମସ୍ତେ ଅଭିଯୋଗର ... ଅଶାନ୍ତ, ଆଉ ଘଣ୍ଟିର ଠନ୍ ଠନ୍ ଶବ୍ଦ ବି ବନ୍ଦ ହୋଇଗଲା ।

କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ୁଥିଲେ ସୁରେନ୍ଦ୍ର ବାବୁ । ଅଳ୍ପ ପ୍ରେରଣା ହେଲେ ବି ମନଟା ତାଙ୍କର ଦବି ଯାଉଥିଲା, ଏ କୈଶୋରର

ସୂଚନାରେ । ବ୍ୟସ୍ତ ହୋଇ ଗୃହଅଡ଼କୁ ଲମ୍ଫଦେଲେ ସେ—ଆଗରେ ମାଟି ଉପରେ କଣ ଦୁଇଟା ପଡ଼ିଥିଲା ପରି ଦେଖାଯାଉଛି । ଧାଇଁଗଲେ ସେଠିକୁ ସେ । ଇସ୍ ! ଏତ ଫାଟକ ଜଗୁଆଳ ଦୁଇଜଣ । ମୁଣ୍ଡ ଦୁଇଟା ଗଣ୍ଡିରୁ ଅଲଗା ହୋଇ ଯାଇଛି । ତାଜା ରକ୍ତର ଧାର ଏବେ ପର୍ଯ୍ୟନ୍ତ ବି ପିଚ୍ ପିଚ୍ ହୋଇ ଛୁଟି ଚାଲିଛି । ଉନ୍ମାଦଙ୍କ ପରି ଧାଇଁ ଆସିଲେ ସେ ଥାନାକୁ । ଫୋନ୍ ରସିଭର ଉଠାଇ ଧରିଲେ । 'ହ୍ୟାଲୋ···ହ୍ୟାଲୋ···ହ୍ୟାଲୋ । ଧେତ୍ ଲାଇନ୍ ବି କଟାଯାଇଛି ।' ରିସିଭରଟା ଥୋଇ ଦେଇ ଧାଇଁ ଆସିଲେ ବାହାରକୁ । ନିଜର ସମସ୍ତ ଶକ୍ତି ଖଟାଇ ଘନ ଘନ ହୁଇସିଲ୍ ବଜାଇବାକୁ ଲାଗିଲେ ସେ ।

ସାହାଯ୍ୟ ଆସିବାକୁ ବେଶୀ ଡେରି ବି ଲାଗିଲା ନାହିଁ । ପାଖ ଉଚ୍ଚଟିରେ ଥିବା ପୋଲିସମାନେ ଧାଇଁ ଆସିଲେ । ତା' ସଙ୍ଗେ ସଙ୍ଗେ ବ୍ୟାରାକ୍‌ରେ ଥିବା ପୋଲିସମାନେ ବି । ରାଜେନ୍ଦ୍ର ବାବୁ ଜଣେ କନେଷ୍ଟବଲକୁ ଦଉଡ଼ାଇ ଦେଲେ ଏସ୍. ପି. ଙ୍କ କୋଠିକୁ । ଏସ୍. ପି. ଙ୍କୁ ଅପେକ୍ଷା କରି ଫାଟକ ବାହାରେ ରହିଲେ ଏମାନେ । ପୂର୍ଣ୍ଣ ନୀରବତା ବିରାଜମାନ କରୁଥିଲା ଜେଲ ଭିତରେ ସେତେବେଳକୁ ।

ପ୍ରାୟ ଅଧଘଣ୍ଟାଏ ପରେ କଳା ରଙ୍ଗର କାର୍‌ଟାଏ ଖୁବ୍ ଜୋର୍‌ରେ ବ୍ରେକ୍ ଦେଲା ଜେଲ୍ ଫାଟକ ସାମନାରେ । ତା ଭିତରୁ ଓହ୍ଲାଇ ପଡ଼ିଲେ ଏସ୍. ପି. ଓ ମିଃ ଚୌଧୁରୀ । ପୋଲିସ କାଇଦାରେ ସେଲ୍ୟୁଟ୍ ଦେଇ ନତମୁଖରେ ଠିଆହୋଇ ରହିଲେ ରାଜେନ୍ଦ୍ର ବାବୁ ଓ ଅନ୍ୟମାନେ । କାହାକୁ କିଛି ନ ପଚାରି ଏସ୍. ପି. ଆଉ ମିଃ ଚୌଧୁରୀ ଫାଟକ ଖୋଲି ଦ୍ରୁତ ବେଗରେ

ଅଗେଇ ଯାଉଥିଲେ ଭିତରକୁ । ହଠାତ୍ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦରେ ଗତିରୋଧ ହେଲା ସେମାନଙ୍କର । ବିସ୍ଫୋରଣର ସଙ୍ଗେ ସଙ୍ଗେ ଝଲକାଏ ନିଆଁ ବାହାରି ହୋଇ ପଡ଼ିଲା ଉପର ମହଲାରୁ ଚାରିଆଡ଼େ । ଅଧା ଇଟା ଖଣ୍ଡ କେଇପଟ ଧୁମ୍ ଧାମ୍ ହୋଇ ତଳେ ଖସି ପଡ଼ିଲା । ଏ ଅଦ୍ଭୁତ ଘଟଣାରେ ମୁହଁରୁ ଭାଷା ବାହାରୁ ନ ଥିଲା କାହାର ।

ପ୍ରାୟ ପନ୍ଦର ମିନିଟ ନୀରବତା ଭିତରେ କଟିଗଲା ପରେ ପ୍ରଥମେ ଧୀରେ ଧୀରେ ଅଗେଇଗଲେ ମିଃ ଚୌଧୁରୀ । ଶୀତସତ ହେଲେ ବି କପାଳ ଉପରେ ତାଙ୍କର ବିନ୍ଦୁ ବିନ୍ଦୁ ଝାଳ ଜମିଉଠି ଆସୁଥିଲା । ସମୁଦାୟ ଜେଲଟି ବିଜୁଳି ଆଲୁଅରେ ଉଦ୍ଭାସିତ । ଆଲୋକିତ ବାରଣ୍ଡା ଉପରେ ଅଗେଇ ଯାଉଥିଲେ ମିଃ ଚୌଧୁରୀ ଚାରିଆଡ଼କୁ ସତର୍କ ଦୃଷ୍ଟିପାତ କରି । ତାଙ୍କ ପଛେ ପଛେ ଏସ. ପି. ମିଃ ରାୟ, ରାଜେନ୍ଦ୍ର ବାବୁ ଆଉ ପୋଲିସ କେତେଜଣ । ସମସ୍ତେ ଭୀତସନ୍ତ୍ରସ୍ତ । କେତେବେଳେ କି ବିପଦ ଯେ କାହା ଉପରେ ପଡ଼ିବ ଠିକ୍ ହେଉ ନାହିଁ ।

ଆଗରେ ବିପଦ ଘଣ୍ଟା—ଅବିଶ୍ରାନ୍ତ ରକ୍ତର ଧାର ଧାର ଧାରାରେ ଝୁମେଇ ପଡ଼ୁଛି ଯେପରି । ଠିକ ତାର ତଳକୁ ଜଣେ ନିଶୁଆଳ ପୋଲିସର ଅସାଡ଼ ଦେହ ଲୋଟିପଡ଼ିଛି ବାରଣ୍ଡାରେ । ରକ୍ତର ଧାର ବହି ଯାଉଛି ତଳଯାଏ । ଦ୍ରୁତ ପଦରେ ତାର ପାଖକୁ ଧାଇଁଗଲେ ମିଃ ଚୌଧୁରୀ । 'ଏ ତ ପଣ୍ଡୁରାମ ସିଂ । ଗୁଳିଟା ପେଟରେ ବାଜି ବାହାରି ଯାଇଛି । ଆଖି ଦୁଇଟି ଦରମୁଦା ଅବସ୍ଥାରେ ଅଛି । ବୋଧେ ବଞ୍ଚି ଯାଇପାରେ ।' ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇବାକୁ ଆଦେଶ ଦେଲେ ଏସ୍. ପି. ମିଃ ରାୟ ।

ଠିକ୍ ଏ ଅଞ୍ଚଳରୁ କଏଦୀମାନଙ୍କର ରହିବା କୋଠରୀ । ସେ ଅଡ଼େ ଅଗେଇଗଲେ ମିଃ ଚୌଧୁରୀ । ସେଠାରେ ଦୁଇଜଣ ପୋଲିସଙ୍କର କଟାଗଣ୍ଡି ପଡ଼ିଛି । ମୁଣ୍ଡ ନାହିଁ । ଚଟାଣଟା ରକ୍ତରେ ସଡ଼୍ ସଡ଼୍ ହୋଇଯାଇଛି । କେତୋଟି ଗୁଳିଖଣ୍ଡ ଖଣ୍ଡେ ଦୂରରେ ପଡ଼ିଛି । ସେ ବି ରକ୍ତରେ ଜୁଡ଼ୁବୁଡ଼ୁ । କଏଦଖାନାର ଲୁହା ରେଲିଂଗୁଡ଼ାକ କଟାହୋଇ ପାଖରେ ଜୁଡ଼ା ହୋଇଛି । ଏ ନାରକୀୟ ଦୃଶ୍ୟ ଦେଖି ସେଇଠି ଲଥ୍ କରି ବସିପଡ଼ିଲେ ମିଃ ଚୌଧୁରୀ । ଏସ୍. ପି. ସ୍ଥାଣୁ ଭଳି ମୂକ ଦେହଗୁଡ଼ାକୁ ଏକ ଦୃଷ୍ଟିରେ ଚାହିଁ ରହିଥାନ୍ତି ।

× × × ×

ଅମ୍ବୁଲାନ୍ସର ଘର ଘର ଶବ୍ଦରେ ସମସ୍ତେ ସଚେତ ହୋଇଉଠିଲେ ଯେପରି । ପର୍ଶୁରାମ ସିଂର ଅସାଡ଼ ଦେହଟାକୁ ଧରାଧରି କରି ଗାଡ଼ିରେ ଶୋଇଦେଇ ବାହାରକୁ ଚାଲିଆସିଲେ ମିଃ ଚୌଧୁରୀ । ଅମ୍ବୁଲାନ୍ସ ଧାଇଁଲା ମେଡିକାଲ ଅଡ଼େ ।

“ବର୍ତ୍ତମାନ ଅଉ ଉପାୟ କଣ ? ମିଃ ଚୌଧୁରୀ ।” ହତାଶ କଣ୍ଠରେ ପଚାରିଲେ ଏସ୍. ପି. ସାହେବ ।

“ନା ସାର ଅଉ ଉପାୟ କଣ । ଯାହା କରାଯିବ ସକାଳ ହେଲେ । ବର୍ତ୍ତମାନ ଡାକ୍ତରଖାନା ଯାଇ ଠିକେ ପର୍ଶୁରାମ ସିଂ କଥା ବୁଝିବା ଦରକାର ” କହିଲେ ମିଃ ଚୌଧୁରୀ ।

ଜେଲଖାନାର ଚାରିପଟେ ସତର୍କ ପହରା ଦେବାକୁ ଆଦେଶ ଦେଇ ଏସ୍. ପି., ଏବଂ ମିଃ ଚୌଧୁରୀ ବାହାରିଗଲେ ଡାକ୍ତରଖାନା ଅଭିମୁଖେ ।

ଡାକ୍ତର ମିଶ୍ରଙ୍କର ଅକ୍ଲାନ୍ତ ଚେଷ୍ଟା ଫଳରେ ପର୍ଣ୍ଣିମାର ଅବସ୍ଥା କ୍ରମେ ଭଲ ଆଡ଼କୁ ଆସୁଥିଲା । "ତଥାପି ହୋସ ଆସିବାକୁ ବାରଘଣ୍ଟା ପର୍ଯ୍ୟନ୍ତ ଡେରି ହୋଇପାରେ"—କ୍ଲାନ୍ତ ଅଥଚ ଚିନ୍ତିତ ଭାବରେ କହିଲେ ଡାଃ ମିଶ୍ର ।

"ଦେଖନ୍ତୁ ମିଃ ମିଶ୍ର । ଯାହା ଖର୍ଚ୍ଚ ହେଉନା କାହିଁକି ଆପଣ ପର୍ଣ୍ଣିମାକୁ ବଞ୍ଚାଇ ଦିଅନ୍ତୁ । ତାର ଜୀବନର ମୂଲ୍ୟ ବର୍ତ୍ତମାନ ଆମ ପାଖରେ ଖୁବ୍ ବେଶୀ ।" ସିଗାରେଟ୍‌ରୁ ଧୂଆଁ ଛାଡ଼ୁ ଛାଡ଼ୁ କହିଲେ ଏସ୍. ପି. ।

"ମୁଁ ତ ପ୍ରାଣପଣେ ଚେଷ୍ଟା କରୁଛି । ଦେଖାଯାଉ । ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ସବୁ ହେବ ।" ମୁହଁରେ କୃତ୍ରିମ ହସ ଖେଳାଇ କହିଲେ ଡାଃ ମିଶ୍ର ।

"ଦେଖନ୍ତୁ ମିଃ ମିଶ୍ର । ଆପଣ କେବଳ ପର୍ଣ୍ଣିମାର ଅବସ୍ଥା ଦେଖିବାପାଇଁ ଜଣେ ସ୍ୱତନ୍ତ୍ର ଡାକ୍ତର ଦିଅନ୍ତୁ । ଯାହା ଖର୍ଚ୍ଚ ହେବ ଆମେ ବହନ କରିବାକୁ ପ୍ରସ୍ତୁତ ଅଛୁ । କିନ୍ତୁ ଆଉ ଗୋଟିଏ କଥା"—ଏତିକି ଚେଣିକି ଗୃହୁଁ ଡାକ୍ତର ମିଶ୍ରଙ୍କ କାନପାଖରେ କଣ ଫୁସ୍ ଫୁସ୍ କରି କହିଲେ ଏସ୍: ପି: ।

"ଅଲ୍ ରାଇଟ୍ !" ହାତ ଘଣ୍ଟାକୁ ଅନାଇ କହିଲେ ମିଃ ମିଶ୍ର । ବର୍ତ୍ତମାନ ଇଞ୍ଜେକ୍ସନ ଦେବାର ସମୟ ହୋଇଗଲା । ଆପଣମାନେ ଟିକେ ଅପେକ୍ଷା କରନ୍ତୁ । "ନା' ନା' ଆଉ ଅପେକ୍ଷାର ଦରକାର ନାହିଁ, ଆମେ ଆସୁଛୁ । ହୋସ୍ ହେବାକ୍ଷଣି ଆମକୁ ଟିକେ ଖବର ଦେବେ ।" କହୁ କହୁ ଉଠିଲେ ଏସ୍. ପି. ଆଉ ମିଃ ଚୌଧୁରୀ ।

"ନମସ୍କାର, ନମସ୍କାର," ଦ୍ୱାର ପର୍ଯ୍ୟନ୍ତ ପାଛୋଟି ଦେବାକୁ ଆସୁଥିଲେ ଡାକ୍ତର ଶ୍ରୀକାନ୍ତ ମିଶ୍ର ।

## — ଦୁଇ —

ରାତି ପାହିବା ସଙ୍ଗେ ସଙ୍ଗେ ଗତ ରାତିର ଘଟଣା ଭଞ୍ଜନଗର ସହରରେ ଖେଳିଗଲା । ଦେଖଣାହାରୀଙ୍କ ଅସମ୍ଭବ ଭିଡ଼ । ତା ଭିତରେ କିଏ କେତେ ପ୍ରକାର ମନ୍ତବ୍ୟ ବି ଦେଉଥାନ୍ତି । କିଏ ପୁଲିସବାଲାଙ୍କ ଅପାରଗତା ଦେଖାଉ ଥାଏ ତ, କିଏ ଚୋରଙ୍କ ବୁଦ୍ଧିକୁ ସାବାସ୍ କହୁଥାଏ । ସମ୍ବାଦ ପତ୍ରର ରିପୋର୍ଟରମାନେ ଟିକିନିଖି ଖବର ଜାଣିବାକୁ ବ୍ୟସ୍ତ ହୋଇ-ପଡୁଥାନ୍ତି । ବାହାରେ ଏତେ ଗହଳି ସୃଷ୍ଟି ହୋଇଥିଲେ ବି ଜେଲ ହତା ଭିତରେ ପ୍ରାୟ ଦଶଟି ପର୍ଯ୍ୟନ୍ତ ପରୀକ୍ଷା କରି ଦେଖୁଥିଲେ ମି: ଚୌଧୁରୀ, ଆଉ ସହକାରୀ ଶରତ୍ ।

"ନିହାତି ବୈଜ୍ଞାନିକଉପାୟ ସାର୍ !" ଭଙ୍ଗା ଲୁହାରେଲିଂ ଗୁଡ଼ିକ ପରୀକ୍ଷା କରୁ କରୁ କହିଲା ଶରତ୍ ।

"ତୁମର ଅନୁମାନ ଭୁଲ୍ ନୁହେଁ । ନହେଲେ ଜେଲ ପାଚେରୀ ଫୁଟାଇବା ଆଉ ଦରଜାର ଇସ୍ପାତ ରେଲିଂକୁ କାଟିଦେବା ସାଧାରଣ ଯନ୍ତ୍ରପାତିର ସାଧ୍ୟର ବାହାରେ । ସେ ସବୁ ସ୍ଥାନକୁ ଏସିଡ୍ ସାହାଯ୍ୟରେ ନରମ କରିଦେଇ ସେମାନେ କାମ ହାସଲ କରିଛନ୍ତି । ହଁ; ତୁମେ ସେ ପାଦ ଚିହ୍ନ ଗୁଡ଼ାକର ଫଟୋ ନେଇ ସାରିଲ ?" ପଚାରିଲେ ମି: ଚୌଧୁରୀ ।

"ସାଉଣ୍ଡ ସାର୍ !"

"ବେଶ୍; ତେବେ ବର୍ତ୍ତମାନ ସେ ପାଉଡର ପାଉଁଶ ମଧ୍ୟରୁ ତଳାର ଫଟୋ ବି ନେବାକୁ ହେବ । ତାଙ୍କୁ ଫଟୋ ଓ କିଛି ଲାଭ ନାହିଁ । ବର୍ତ୍ତମାନ ଏତିକି କାମ ଶୀଘ୍ର ଶେଷ କର, ଡାକ୍ତରଖାନା ଯିବା । ଦେଖିବା ପର୍ଶୁରାମର ଅବସ୍ଥା କେମିତି ।"

ଅଧଘଣ୍ଟାକ ମଧ୍ୟରେ ବାହାରକୁ ବାହାରିଆସିଲେ ମିଃ ଚୌଧୁରୀ ଆଉ ଶରତ୍ । ଲସ୍ ଗୁଡ଼ିକୁ ଡାକ୍ତରଖାନାକୁ ପୋଷ୍ଟମର୍ଟମ୍ ପାଇଁ ପଠାଇ ଦେଇ କାର୍‌ରେ ବସି ଦୁହେଁ ଚାଲିଲେ ଜେନେରାଲ୍ ହସ୍‌ପିଟାଲ୍ ଅଡ଼େ ।

ବାଟରେ ଶରତ୍ କୌତୂହଳ ଦମନ କରି ନପାରି ପଚାରିଲେ—"ମୋର ଗୋଟାଏ ଜାଗାରେ ଟିକେ ସନ୍ଦେହ ରହିଗଲା ସାର ।"

"କଣ; ପଚାର ପାର ।"

"ଅଚ୍ଛା । ବମ୍ ଦ୍ୱାରା ଉପର ମହଲଟାକୁ ଭାଙ୍ଗି ଦେବାର କାରଣ କ'ଣ ?"

"ସେ ଅଉ କିଛି ନୁହେଁ । ଟାଇମ୍ ବମ୍‌ର କାମ । କୌଣସି ପ୍ରକାରେ ଆମକୁ ଭୟ ଦେଖାଇ କିଛି ସମୟ ଅଟକାଇ ରଖିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ତାହା ସଫଳ ହୋଇଛି ବି । ସେମାନେ ପଳାଇ ଯିବାକୁ ଯଥେଷ୍ଟ ସମୟ ପାଇଛନ୍ତି ବୁଝିଲ ?"

ଗାଡ଼ି ପହଞ୍ଚି ସାରିଥିଲା ଫାଟକ ପାଖରେ । ଦୁହେଁ ଓହ୍ଲାଇ ପଡ଼ି ଚାଲିଲେ ସିଧା ସିଧା ଡାଃ ମିଶ୍ରଙ୍କ କୋଠରୀକୁ ।

ଅନନ୍ତରେ ଡାଃ ମିଶ୍ର ଡାକିନେଲେ ପର୍ଶୁରାମ ଥିବା କୋଠରୀକୁ । ଅସାଡ଼ ଦେହଟା ବେଡ୍ ଉପରେ ପଡ଼ିଛି ଯାହା ।

ନିଶ୍ୱାସ ଖୁବ୍ ଧୀରେ ଧୀରେ ଚାଲିଛି । "ଅବସ୍ଥା ଏ ପର୍ଯ୍ୟନ୍ତ ଉଦ୍‌ବେଗଜନକ । ହୁଏତ ଆଉ ଦୁଇଘଣ୍ଟା ପରେ ଚେତା ଆସିପାରେ, କିନ୍ତୁ ଅତିରକ୍ତ ରକ୍ତପାତ ଫଳରେ ଏତେ ଦୁର୍ବଳ ଯେ ବାକ୍‌ଶକ୍ତି ଅନ୍ତତଃ ଛତିଶ ଘଣ୍ଟା ପୂର୍ବରୁ ଫେରିବା ସମ୍ଭବ ନୁହେଁ ।" ପର୍ଶୁରାମ ସିଂହର ଶେତା ମୁହଁଟା ଆଡ଼କୁ ଚାହିଁ କହୁଥିଲେ ଡ଼ାଃ ମିଶ୍ର ।

"ଯାହାହେଉ; ଅପର ଏ ଲୋକଟିର ଜୀବନରେ ନିତାନ୍ତ ପ୍ରୟୋଜନ । ଆଜି ରାତିରେ ୧୦ ପ୍ରତିଜଣ ଗାର୍ଡ଼ର ବନ୍ଦୋବସ୍ତ ମୁଁ କରିବି । ଲୋକଟାକୁ ମାରିଦେବାକୁ ଚେଷ୍ଟାକରି ଦୁର୍ବୃତ୍ତମାନେ ସଫଳ ହୋଇନାହାନ୍ତି ଯେତେବେଳେ, ପୁଣି ଥରେ ସେ ଚେଷ୍ଟା କରିବା ଅସମ୍ଭବ ନୁହେଁ । ଅତଏବ ଆପଣ ଟିକେ ସାବଧାନ ଥିବେ ।" ଧୀର ସ୍ୱରରେ ଏତକ କହି ଫେରି ଆସିଲେ ମିଃ ଚୌଧୁରୀ ।

× × × ×

ରାତି ବାରଟାକୁ ବଳେଇ ଯାଉଛି । ସପ୍ତମୀ ତିଥିର ଜହ୍ନ ବୁଡ଼ିଗଲାଣି କେତେବେଳୁ । ସମୁଦାୟ ମେଡ଼ିକେଲ ନୀରବ । କାଁଭାଁ ଗୋଟାଏ କୋଠରୀରେ ଆଲୁଅଟାଏ ମିଞ୍ଜି ମିଞ୍ଜି ହୋଇ ଜଳୁଛି । ବେଳେ ବେଳେ କେହି ରୋଗୀ ବିଚରା ଯନ୍ତ୍ରଣାରେ ଥରେ ଥରେ ଚିତ୍କାର କରି ଉଠୁଛି । ପର୍ଶୁରାମ ସିଂହ ଥିବା କୋଠରୀ ନିକଟରେ ଗାଢ଼ ଅନ୍ଧକାର ଭିତରେ ଠିଆ ହୋଇଛନ୍ତି ମିଃ ଚୌଧୁରୀ ଆଉ ଶରତ୍ । ଅନ୍ଧକାରରେ ସେମାନଙ୍କର ସତ୍ତା ହଜିଯାଇଛି ଯେପରି । ତାଙ୍କର ଦୃଷ୍ଟି କୋଠରୀ ଭିତରେ ସୀମାବଦ୍ଧ । ବାହାରର କାଳିଆ ପବନ ଆଉ ଶୀତ ଦେହ ଅସ୍ଥିର ଦେଉଥିଲା ଦୁହିଁଙ୍କର । 'ଓଃ, କେଡ଼େ ବଡ଼ ଏ ଶୀତରାତ !' ହାତଘଡ଼ିକୁ ଚାହିଁଥାଏ [illegible] ମନେ

ମନେ ବ୍ୟସ୍ତ ହୋଇ ପଡ଼ୁଥିଲେ ମିଃ ଚୌଧୁରୀ । 'ତଥାପି ଭଣ୍ଡିବା ଭରବାକୁ ହେବ । ପଶୁ ପ୍ରେମର ଜୀବନର ମୂଲ୍ୟ ଏ ଶ୍ରମ ଅପେକ୍ଷା ବେଶ୍ ବେଶୀ । ଯେ କୌଣସି ପ୍ରକାରେ ତାକୁ ନିର୍ଦ୍ଦେଶରେ ବାଣ୍ଡିବାକୁ ହେବ । ବନ୍ଧୁସ୍ତ ଭଣ୍ଡିବ୍ୟଜାସ୍ତ ସିପାହୀ ।' କରୁଣା ଅଜ ସହାନୁଭୂତିରେ ନରମି ଆସୁଥିଲା ମିଃ ଚୌଧୁରୀଙ୍କ ହୃଦୟ ।

× × × ×

ଦୂରରେ କାହାର ପାଦଶବ୍ଦ ଶୁଭିଲା । ସେ ଅଡ଼କୁ କାନ ଡେରିଲେ ମିଃ ଚୌଧୁରୀ । ଶବ୍ଦଟା ଗ୍ଳଲି ଯାଉଥିଲା ଏବେ ଶୁଣାଯାଉଛି । ଏ କିଏ ଡେଲେ ? ଅଭୁ ଭଣ୍ଡ ଡାଃ ମିତ୍ର । ସେ ଏତେ ରାତିରେ କାହିଁକି ? ସନ୍ଦେହ ଦୂରକରିବା ପାଇଁ ଶବ୍ଦକୁ ଲକ୍ଷ କରି ଆଗକୁ ସତର୍କତାର ସହିତ ଗୋଡ଼ ବଢ଼ାଇଲେ ସେ । ଆଗରେ ନର୍ସମାନଙ୍କର କ୍ୱାର୍ଟର । ଏପଟଟା ଖୁବ୍ ଅନ୍ଧାରି ଆଉ ନିର୍ଜନ ବି, ଟିକିଏ ଲୁଚିଯାଇ ଠିଆହୋଇ ଶବ୍ଦର ଗତି ଲକ୍ଷ କରିବାକୁ ଲାଗିଲେ ସେ । ଅବଶ୍ୟ କିଛି ଶୁଣାଯାଉ ନାହିଁ । ତେବେ ତାଙ୍କର ଶୁଣିବା କଣ ଭ୍ରମ ?

'ଠକ୍ ଠକ୍, ଠକ୍ ଠକ୍'—ଖୁବ୍ ଧୀରେ କବାଟ ଠୁକିବାର ଶବ୍ଦ ଶୁଣାଗଲା ପାଖରୁ । ଶିକାରୀ ବାଘପରି ସେ ଅଡ଼କୁ କାନଡେରିଲେ ମିଃ ଚୌଧୁରୀ । ତାର ଅଳ୍ପ ସମୟ ପରେ କବାଟ ଖୋଲିବାର ଶବ୍ଦ । ଶବ୍ଦକୁ ଲକ୍ଷ୍ୟ କରି ଖୁବ୍ ସତର୍କତାର ସହିତ ପାଦ ଚାପି ଚାପି ଆଗେଇ ଗଲେ ସେ । ପାଖ ଦରଜା ଅତି ଧୀର କଥାବାର୍ତ୍ତା ଶୁଣାଯାଉଛି । ତାର ଖୁବ୍ ନିକଟକୁ ଯାଇ କାନ ପାରିଲେ ମିଃ ଚୌଧୁରୀ ।

"ଠିକ୍ ଭାବରେ କାମଟି କରିଦେଇ ପାରିଲେ ତୋର ଭାଗ୍ୟ ପୂରା ପୂରା ବଦଳିଯିବ, କମଳା—ବୁଝିଲୁ—"

"ହଁ; ତା ବୁଝିଲି ଯେ, ତେବେ ମୋର ଡରଟି ଅଛି ତାଙ୍କ ବାବଟାରେ, ଯଦି ସୁବିଧା ହୁଏ ତେବେ ସିନା କରନ୍ତି, ନହେଲେ—"

"କାମ ତ ବିଶେଷ କଷ୍ଟ ନୁହେଁ । ଏ ଚୂର୍ଣ୍ଣ ଟିକକ ଔଷଧରେ ମିଶାଇ ତାକୁ ପିଆଇ ଦେବୁ । ବାସ୍ । ଏତିକିରେ ତୋର ଭାଗ୍ୟ ଖୋଲିଯିବ ।"

"ହଉ; ମୁଁ ଚେଷ୍ଟା କରିବି ନିଶ୍ଚୟ । ଚୂର୍ଣ୍ଣ ଦେଓ"

"ନେ; ସାବଧାନରେ ରଖ । କାମ ଶେଷ କଲେ 'ପାଞ୍ଚହଜାର ।"

ଲୋକଟା ସାଇଁ କରି ତାଙ୍କ ଆଗ ଦେଇ ବାହାରି ଗଲା । ମିଃ ଚୌଧୁରୀ ଘଟଣାଟି ଠିକେ ଠିକେ ବୁଝିନେଲେ । 'ତେବେ ନର୍ସ ସାହାଯ୍ୟରେ କାମ ହାସଲକରିବାର ଚେଷ୍ଟା ଚାଲିଛି । ଅଚ୍ଛା ।'

ନର୍ସ କମଳା କବାଟ ବନ୍ଦ କରି ଶୋଇବାକୁ ଗଲା । ମିଃ ଚୌଧୁରୀ ଝରକା ଫାଙ୍କରେ ତାର କାର୍ଯ୍ୟକଳାପ ଲକ୍ଷ କରିବାକୁ ଲାଗିଲେ । ନାଲି କାଗଜରେ ମୋଡ଼ା ପୁଡ଼ିଆଟିଏ ହାତ ମୁଠାରୁ କାଢ଼ି ତକିଆ ତଳେ ରଖିଦେଇ ନିଶ୍ଚିନ୍ତ ହୋଇ ଶୋଇଗଲା ସେ । ସ୍ୱସ୍ତିର ନିଶ୍ୱାସ ମାରିଲେ ମିଃ ଚୌଧୁରୀ । "ଝରକା ପାଖରୁ ସେଠାକୁ ହାତ ପାଇବ ନିଶ୍ଚୟ ।" ଖୁବ୍ ଶୀଘ୍ର ଶବର ନିକଟକୁ ଫେରିଆସିଲେ ସେ ।

ଚିନ୍ତାର ବିରାମ ନଥିଲା ମିଃ ଚୌଧୁରୀଙ୍କର । "କି ସାଙ୍ଘାତିକ ଷଡ଼ଯନ୍ତ୍ର । ପର୍ଯ୍ୟନ୍ତ ତେବେ ବିଶେଷ କିଛି କୌଣସି ଖବର ଜାଣେ । ଯେଉଁ ଖବରଟା କି ପ୍ରକାଶ ହୋଇଗଲେ ଜଗତ୍‌ସିଂହଙ୍କ ଗୁମର ପଦାରେ ପଡ଼ିଯିବ । ସେଥିପାଇଁ ଏସବୁ ବ୍ୟବସ୍ଥା ଚାଲିଛି । ଅଚ୍ଛା । କଣ ହେଉଛି ଦେଖାଯାଉ ।" ଶରତ ସହିତ କିଛି ସମୟ କଥାବାର୍ତ୍ତା ହୋଇ ସେ ପୁଣି ଚାଲିଲେ କମଳାର କ୍ୱାର୍ଟର ଆଡ଼େ ।

× × × ×

ରାତି ପାହି ଆସୁଥିଲା । ଧୀରେ ଅଳସ ଭାବରେ କବାଟ ଖୋଲିଲା ନର୍ସ କମଳା । ଖଣ୍ଡେ ଦୂରରେ ଲୋଖାଏ ବୁଢ଼ାଟାଏ ନୂଆକରି ବାଳଗୁଡ଼ାକୁ ତାର ଅଙ୍ଗୁଠିରେ ଆଉଁଶୁଛି । ସେ ଆଡ଼କୁ ତାର ନଜର ପଡ଼ିଲା ମାତ୍ରେ ଘୃଣାରେ ମୁହଁ ଫେରାଇ ନେଇ ଚାଲିଗଲା ବାଥ୍‌ରୁମ୍‌କୁ । ବାଥ୍‌ରୁମ୍‌ର ଭିତରୁ ଶିକୁଳି ଦିଆଯିବାର ଶବ୍ଦ ଶୁଣାଯିବା ସଙ୍ଗେ ସଙ୍ଗେ ବଡ଼ ଚଞ୍ଚଳ ହୋଇଉଠିଲା ବୁଢ଼ା ଭିକାରି । ବିଜୁଳିପରି ଧାଇଁଗଲା ସେ ଝରକା ନିକଟକୁ । ଚଟାପଟ୍ ହାତଗଳାଇ ତକିଆ ତଳୁ ନାଲି ପୁଡ଼ାଟିଏ କାଢିଆଣିଲା, ଅଉ ଅବିକଳ ସେଇପରି ପୁଡ଼ାଟିଏ ଅଣ୍ଟାରୁ କାଢ଼ି ରଖିଦେଲା ସେଇଠି । ପୁଣି ସଙ୍ଗେ ସଙ୍ଗେ ଫେରି ଆସିଲା ପୂର୍ବ ସ୍ଥାନକୁ ।

ପ୍ରାୟ ଅଧଘଣ୍ଟାଏ ପରେ କମଳା ଫେରିଲା ବାଥ୍‌ରୁମ୍‌ରୁ । ଓଠରେ ଲିପ୍ ପାଉଡ଼ର, ମୁହଁରେ ଗୁଣୁ ଗୁଣୁ ଗୀତ । ଗତିର ଭିତରେ ତାର ହାବ ଭାବ ବଦଳି ଯାଇଛି ଯେପରି ।

"ଏ ମା ! ଖଣ୍ଡେ କିଛି ଖାଇବାକୁ ହୁକୁମ ହେଉ । ବଡ଼ ଧରମ ହେବ ମା !" ହାତ ପତାଇ ମାଗିଲା ଭିକାରି ବୁଢ଼ାଟି ।

"ଶଳା, ଶଳା, ବାଙ୍ଗାଳ ଭେଣ୍ଟିଭାର ! ଏଠା କଣ୍ଡା ଛଡ଼ର ଉଦେଶ୍ରୁ ? ଯେତେ ସବୁ ଚୋଢ଼ି, ଅକର୍ମା…" କହୁ କହୁ ଚକାଉଠା ଧଡ଼୍ ଭର ବଣଭର ଭେଳ ଚମକା ।

ଭଭାସ୍ଥ ଲୁଢ଼ା ସେ ଅଡ଼କୁ ଗୃହିଁ ମୁଣ୍ଡଟେକ ହସି ଦେଲା ଟିଭେ ।

---

## —ତିନି—

ପର୍ଶୁରାମ ସିଂ ଚେତନା ପାଇଥିଲା; ତାଙ୍କଙ୍କ ସଙ୍ଗେ ଡାକ୍ତରଖା ବା । ମିଃ ଚୌଧୁରୀ ଆଉ ଏସ୍.ପି. ବେଡ୍ ନିକଟରେ ବସି ସାନ୍ତ୍ୱନା ଦେଉଥିଲେ ତାକୁ । ଉଚ୍ଚପଦସ୍ଥ ହାକିମ ହୁକୁମଙ୍କ ପାଖରେ ଦେଖି ବଡ଼ ସଙ୍କୁଚିତ ହୋଇ ପଡୁଥିଲା ସେ । "ଅଚ୍ଛା ପର୍ଶୁରାମ, ସେ ରାତିର ଘଟଣା କିଛି ତୁମର ମନେ ଅଛି, କହି ପାରିବ ?" ପଚାରିଲେ ଏସ୍. ପି. ମିଃ ଗୁପ୍ତ ।

"ହଁ ସାର । ସବୁ ମନେଅଛି ।" ବେଡ୍‌ରୁ ଉଠିବାକୁ ଚେଷ୍ଟା କରୁଥିଲା ପର୍ଶୁରାମ ସିଂ । "ଆଉ ଥାଉ; ଶୋଇ ଶୋଇ କହ । ଉଠିବାର ଦରକାର ନାହିଁ ।" ତାର ମୁଣ୍ଡରେ ହାତ ଆପୁଡ଼େଇଲେ ମିଃ ଚୌଧୁରୀ ।

"ସେ ଦିନ ମୋର ଡ୍ୟୁଟି ଥିଲା ରାତି ଦୁଇଟାଠାରୁ । ମୁଁ କିନ୍ତୁ ଯେତେ ଚେଷ୍ଟାକଲେ ମଧ୍ୟ ସେଦିନ ଖାଇସାରିବା ପରଠାରୁ ଶୋଇ ପାରିଲି ନାହିଁ । ଭାବିଲି—'ୱେଟିଂ ରୁମ୍', ଟିକେ ଆଗରୁ ଚାଲିଯାଏ; ସେଠି ହେଲେ ସାଙ୍ଗମାନଙ୍କ ମେଳରେ କଥାବାର୍ତ୍ତା କରୁ କରୁ ସମୟ କଟିଯିବ । ଏୟା ଭାବି ପୋଷାକପିନ୍ଧି ଅସି ଘାଟେଲ ଖୋଲିଲି । ସେଠି ପହଞ୍ଚିବାରୁ ଦେଖେ ନଥିଲେ ସେତେବେଳକୁ । ମୋତେ ବଡ଼ ଅଶ୍ଚର୍ଯ୍ୟ ବି ଲାଗିଲା । ଭିତରେ

କିଛି ଘୋଟାଏ ଘଟିଛି ବୋଲି ଅନୁମାନ କରି ମୁଁ ଭୟ ପାଇଲି । ବାରଣ୍ଡାଟା ମୋତେ ପରିଷ୍କାର ଦିଶୁଥାଏ । ଏତିକିବେଳେ ଓମେଠି କମୁଅଲ ଥିବା ଗୁରୁଜଣଯାକ ସିପାହୁ ଗୋଟିଏ ଚକ୍‌ଚକିଆ ନୀଳରଙ୍ଗର ଟେନିସ ବଲ୍ ପଛରେ ଗୋଡ଼ାଇ ଗୋଡ଼ାଇ ଆସିଲେ । ଠିକ୍ ବାରଣ୍ଡାର ମଝାମଝିରେ ଖପ୍‌କିନି ଧରିପକାଇଲେ ସେଟାକୁ । ଗୁରୁଜଣଯାକ ବଲଟାକୁ ଏହାତ ସେହାତ କରି ଦେଖୁ ଦେଖୁ ସେଟା ଫସକରି ଫାଟିଗଲା । ସାଙ୍ଗେ ସାଙ୍ଗେ କଳାଧୂଆଁରେ ଜାଗାଟା ଭରି ହୋଇଗଲା । ଧୂଆଁ ଟିକେ ପତଳା ହେଲାରୁ ମୁଁ ଦେଖିଲି ଯେ, ଗୁରୁଜଣଯାକ ଆଖିକୁ ଦୁଇହାତରେ ଦଳି ଦଳି ଖାଲି ଅଣ୍ଡାଳି ହେଉଛନ୍ତି । ଏତିକିବେଳେ କାନ୍ଥ କଡ଼ରୁ ଛଅଜଣ କଳା ପୋଷାକ ପିନ୍ଧା ଲୋକ ଧାଇଁଆସି କର୍‌କାର୍ କାଟିଦେଲେ ଗୁରୁଜଣଙ୍କୁ । ଆଉ ସଙ୍ଗେ ସଙ୍ଗେ ଉପର ମହଲାକୁ ଚାଲିଗଲେ । ମୁଁ ଆଉ ସମ୍ଭାଳି ପାରିଲି ନାହିଁ । ଘଣ୍ଟା ପାଖକୁ ଦଉଡ଼ି ଯାଇ ଖୁବ୍ ବାଡ଼େଇଲି । ମୋର ଆଗଦେଇ ଓକାୟୁତ ଗୁଡ଼ାକ ଗୋଟି ଗୋଟି ହୋଇ ଚାଲିଗଲେ । ମୋ ହାତରେ କିଛି ହତିଆର ବି ନଥିଲା ସେତେବେଳେ । ତେବେ ଜଣକୁ ମୁଁ ଚିହ୍ନି ପାରିଛି ସାର୍ ।" ଶେଷ କଥାପଦକ ବଡ଼ ଧୀର ସ୍ୱରରେ କହିଲା ସେ ।

"ଚିହ୍ନିଛ ? କିଏ ସେ ।" ତା ଆଡ଼କୁ ଝୁଙ୍କିପଡ଼ିଲେ ମିଃ ରାୟ ଆଉ ମିଃ ଚୌଧୁରୀ ।

"ଜମିଦାର ବଳଦେବ ଭଞ୍ଜ ।" ନିମ୍ନସ୍ୱରରେ କହିଲା ପର୍ଶୁରାମ ।

"ଅଃ !" ସର୍ପାହତ ପରି ଚମକିପଡ଼ିଲେ ଏସ୍. ପି.. ଆଉ ମିଃ ଚୌଧୁରୀ ।

## — ଚାରି —

ମହେନ୍ଦ୍ରଗଡ଼ । ଗମ୍ଭୀର ପଗ୍ଖା ପରିବେଷ୍ଟିତ ଦୁର୍ଭେଦ୍ୟ ରାଜାପ୍ରସାଦ ତୁଲ୍ୟ ବାସଭବନ । ସମୁଦାୟ ପ୍ରାସାଦଟି ପଥର ତିଆରି, ଅଜ ଦୁଇ ମହଲା । ତାର ଜୀର୍ଣ୍ଣ ଅବସ୍ଥା ଯେ କୌଣସି ଦର୍ଶକ ମନରେ 'ବହୁପୁରାତନ' ବୋଲି ପରିଷ୍କାର ଧାରଣା ଆଣିଦିଏ । ଅତୀତର ଇତିହାସରେ ଏ ଗଡ଼ର ଉଲ୍ଲେଖ ନାହିଁ ଯଦିଓ, ତଥାପି ଏଠିକାର ସାମନ୍ତରାଜା ମହେନ୍ଦ୍ର ଭଞ୍ଜଙ୍କର ନେତୃତ୍ୱରେ ଦିନେ ଓଡ଼ିଶାର ପାଇକବାହିନୀ ଶତ୍ରୁପ୍ରାଣରେ ଭ୍ରୀତିସଞ୍ଚାର କରୁଥିଲା । ଏ ଗଲା ପାୟ ତିନିପ ପୁରୁଷ ତଳର କଥା । ମହେନ୍ଦ୍ର ଭଞ୍ଜ ନିଜର ରୁଚି ଅଜ ନାମ ଅନୁସାରେ ଏ ଦୁର୍ଭେଦ୍ୟ ଗଡ଼ଟି ତିଆରି କରାଇଥିଲେ । କାଳକବଳରେ ସେ ସବୁ ପ୍ରତିପତ୍ତି ଲୋପ ପାଇଥିଲେ ସୁଦ୍ଧା ବର୍ତ୍ତମାନର ଜମିଦାର ବଳଦେବ ଭଞ୍ଜ ଗୁଣ ଗାରିମାରେ ଊଣା ନୁହନ୍ତି । ଉଚ୍ଚଶିକ୍ଷିତ, ଦୟାଳୁ, ନ୍ୟାୟବାନ୍—ସବୁ ଗୁଣ ଈଶ୍ୱର ତାଙ୍କଠେଇଁ ଦେଇଛନ୍ତି । ସେ ନିଃସନ୍ତାନ—ସେହି ଅବସ୍ଥାରେ ପ୍ରଥମ ସ୍ତ୍ରୀର ବିୟୋଗ ହେବାଦିନୁ ସେ ଦ୍ୱିତୀୟଦାର ଗ୍ରହଣ କରିବାକୁ ମନେ କରିନାହାନ୍ତି ।

କୋଷ ଭିତରେ ଖୋଜି ବସିଲେ ଥିଲି ଏତିକି—ସେ ଥିଲେ ନିର୍ଜନପ୍ରିୟ, ଅଜ ଖାମ ଖେୟାଲି । ସେ ଗୁନ୍ଦର ଗୁନ୍ଦରାଣୀ ଭଳି

ଘରର ଗହଳ ବଢ଼ାଇ ନଥିଲେ । କେବଳ ସାଧୁ ଥିଲା ତାଙ୍କର ଏକମାତ୍ର ପାଖଲୋକ—ଯେକି ରକ୍ଷୀ, ପରାମର୍ଶ ଦାତା, ବନ୍ଧୁ; ସବୁକାମ ତୁଲାଇ ନେଇଥିଲା । ଆଉ ଧନ; ଧନକୁ ବଳଦେବ ଭଞ୍ଜ ଶରଧାନ ହେତୁ ଦୃଷ୍ଟିରେ ଦେଖି ଆସିଥିଲେ । ସେଥିପାଇଁ ଅକାତରେ ସେ ଯଥେଷ୍ଟ ଧନ ଦାନ କରି ଦେଇଥିଲେ । ପ୍ରଜାଏ ତାଙ୍କ ଗୁଣରେ ଥିଲେ ମୁଗ୍ଧ । କିନ୍ତୁ ତାଙ୍କର ଖ୍ୟାମଖେୟାଲି ନୀତିଯୋଗୁ ନିଜ ବଂଶର ଇତିହାସ ପୃଷ୍ଠାରୁ କ୍ରମେ ନିଶ୍ଚିହ୍ନ ହେବାକୁ ଯାଉଥିଲା । ଘରଗୁଡ଼ିକ ମରାମତି ଅଭାବରୁ ଜୀର୍ଣ୍ଣ, ପଥର ସନ୍ଧିରୁ ଅନେକ ବର ଅଶ୍ୱତ୍ଥ ଗଛ ବାହାରି ସମୁଦାୟ ପ୍ରାସାଦଟିକୁ ଆଚ୍ଛନ୍ନ କରିଦେଇଥିଲା; ଯାହାକୁ କି ଦୂରରୁ ଦେଖିଲେ ଗୋଟିଏ ଲତା ଗୁଳ୍ମ ଆଚ୍ଛାଦିତ ପାହାଡ଼ର ଭ୍ରମଧାରଣା ମନରେ ଆଣି ଦେଉଥିଲା । ପ୍ରାସାଦର ଅବସ୍ଥାଠାରୁ ପ୍ରାସାଦ ବେଷ୍ଟିତ ବଗିଚାର ଅବସ୍ଥା ଥିଲା ଅଧିକ ଶୋଚନୀୟ । ନାନାପ୍ରକାର ବଣୁଆ ଲତା, ଗଛରେ ପରିପୂର୍ଣ୍ଣ ହୋଇ ଏକ ପ୍ରକାର ଗହଳ ଜଙ୍ଗଲ ପାଲଟି ଯାଇଥିଲା ସେଠା ।

ଜମିଦାର ବଳଦେବ ଭଞ୍ଜଙ୍କର ଜୀବନ ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଲା, ଯେଉଁ ଦିନ ଲୋକେ ସାଧୁର ଶବ ଗଡ଼ ବାହାରେ ଥିବା ବରଗଛରେ ଝୁଲୁଥିବାର ଦେଖିଲେ । ଆଖ ପାଖର ଲୋକେ କହିଲେ—'ସାଧୁ ଗଳାରେ ଫାଶିଦେଇ ଅତ୍ମ ହତ୍ୟା କରିଛି । ପୋଲିସ ବି କାରଣର ବହୁତ ଖୋଜ ତଲାସ କଲେ । ଶେଷରେ ସିଦ୍ଧାନ୍ତ ହେଲା, ସାଧୁ ତାର ନିଜ ଇଚ୍ଛାରେ ଫାଶୀ ଦେଇଛି !' ସାଧୁର ମଲା ପରଠାରୁ ଜମିଦାର ବାହାରକୁ ଆସିବାର ପ୍ରାୟ ଦେଖାଯାଏ ନାହିଁ । ଯଦିବା ଆସନ୍ତି ଖୁବ୍ ଅଳ୍ପ ସମୟ ପାଇଁ । ଗଡ଼ ଭିତରକୁ ଯିବାକୁ ବି ଲୋକଙ୍କୁ ହୁକୁମ ନିଲେ ନାହିଁ । କିନ୍ତୁ

ବୋଲି ନୂଆ ଗୃହବଧୂଟିଏ ସାଧୁଙ୍କର କାମ ସବୁ କରେ । ସେ ସେଇ ପାଖ ଗାଁର ଲୋକ ।

ମହେନ୍ଦ୍ର କେବେ ଜଗାକୁ ଉଆସ କଥା ପଚାରିଲେ ସେ ବିଚିତ୍ର ବର୍ଣ୍ଣନା କରି କହେ । 'ଉଆସରେ ଭୂତଗୁଡ଼ାକ ରହିଲେଣି — ରାତିରେ ନାନା ଉପଦ୍ରବ କରୁଛନ୍ତି ।' ଗାଉଁଲି ଲୋକେ ବି କେବେ କେବେ ଉଆସ ଆଡ଼ୁ ରାତିଅଧରେ ଡୋପ୍ପା ଆଲୁଅ ଦେଖିଛନ୍ତି । ଅଜ ମାଇପି କାନ୍ଦଣା, କଳକଳା ଚାଲିବା ବି ଶୁଣିଛନ୍ତି । କଳା କଳା ମଣିଷ ଚାଲ୍ ବୁଲ୍ କରିବାର ଦେଖିଛନ୍ତି । ସେଥିଲାଗି ସଞ୍ଜହେଲେ ସେ ପାଖଟା ପଡ଼ିଯାଏ ଅଜିକାଲି । ଏ ହେଲା ମହେନ୍ଦ୍ର ଗଡ଼ର ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଇତିହାସ ।

× × × ×

ଅଠଦିନ ପରେ··········

ଦୁଇ ମହଲାର ପାରାପେଟ ଉପରେ ଛିଡ଼ାହୋଇ କଣ୍ଟା ଗୋଟାଏ କ୍ଲାନ୍ତ ମନରୁ ବାହାର କରିବାକୁ ଚେଷ୍ଟା କରୁଥିଲେ ମି: ଚୌଧୁରୀ । ଅଲକ୍ଷ ଦୃଷ୍ଟିଥିଲା ତାଙ୍କର ରାସ୍ତାର ଜନସ୍ରୋତ ଉପରେ ; ସାଇକେଲ, ରିକ୍ସା, ଟ୍ରକ୍, ମଟର, କାର୍··· ···ଧାରାବାହିକ ଭାବରେ ଚାଲିଯାଉଛନ୍ତି ଯେମିତି ।

ମାଟିଆ ରଙ୍ଗର କାରଟାଏ ସାଇଁକର ଚାଲିଗଲା ଆଗରେ । ଉପରର ଛାତ ଖୋଲା । ଭିତରର ଆରୋହୀମାନଙ୍କୁ ଚାହିଁ ଚମକି ପଡ଼ିଲେ ମି: ଚୌଧୁରୀ । 'ଏ କାର୍‌ରେ କମଳା ନର୍ସ ଥାହିଁକି ? କାର୍ ତ ବଳଦେବ ଭଞ୍ଜଙ୍କର । ତେବେ ପର୍ଶୁରାମର କଥା କଣ ସତ ?' ଚିନ୍ତିତ ହୋଇ ଭିତରକୁ ଯାଇ ଫୋନ୍ ଧରିଲେ ।

"ହାଲୋ ! ଶରତ୍…… ……"

… … …

"ହଁ; ଫଲୋ କରିବା ଦରକାର, ମାଟିଆ ରଙ୍ଗର କାର୍ ।"

… … …

"ମହେନ୍ଦ୍ର ଗଡ଼ ପର୍ଯ୍ୟନ୍ତ—ଶୀଘ୍ର ।"

ଟେଲିଫୋନ୍ ରିସିଭରଟା ଥୋଇ ଦେଇ ପୁଣି ପାସ୍‌ପେଟ ଉପରକୁ ଚାଲି ଆସିଲେ ମି: ଚୌଧୁରୀ ।

## —ପାଞ୍ଚ—

ବାହାରପଟ ବାରଣ୍ଡାରେ ଚିନ୍ତିତ ହୋଇ ଟହଲୁଥିଲେ ମି: ଚୌଧୁରୀ । ରାତି ବାରଟା ବାଜି ଯାଇଥିଲେ ବି ଶରତ୍ ଫେରିନଥିଲା ସେତେବେଳ ପର୍ଯ୍ୟନ୍ତ । ସେଥିପାଇଁ ବଡ଼ ଚିନ୍ତିତଥିଲେ ସେ । କ୍ରମେ ଅଫିସ ଘଣ୍ଟାରେ ଗୋଟାଏ ବାଜିଲା । ଆଉ ଧୈର୍ଯ୍ୟଧରି ରହିପାରିଲେ ନାହିଁ ମି: ଚୌଧୁରୀ । ପକେଟରେ ପିସ୍ତଲଟା ରଖିନେଇ ସେ ବାହାରି ପଡ଼ିଲେ, ମଟର ସାଇକେଲ ଧରି ମହେନ୍ଦ୍ରଗଡ଼ ଅଡ଼େ ।

ସହରଠାରୁ ପ୍ରାୟ ଦୁଇମାଇଲ ଦୂରରେ ମହେନ୍ଦ୍ରଗଡ଼ । ଅଞ୍ଚଳଟି ସହରର ଅନ୍ତର୍ଭୁକ୍ତ ହେଲେ ବି ସହର ଅବହାଓ୍ୱା ସେଠି ମୋଟେ ନାହିଁ କହିଲେ ଚଳେ । ଗଡ଼ଅଡ଼ ନିର୍ଜନ । ଖଣ୍ଡେ ଦୂରରେ ଗୋଟାଏ ଗାଁ । ମହେନ୍ଦ୍ରଗଡ଼ର ଖୁବ୍ ପାଖାପାଖିରେ ପହଞ୍ଚି ମଟର ସାଇକେଲରୁ ଓହ୍ଲାଇ ପଡ଼ିଲେ ମି: ଚୌଧୁରୀ । ବୁଦା ଜହାଡ଼ରେ ସେଇଟିକୁ ରଖିଦେଇ ଗଡ଼ଅଡ଼କୁ ସତର୍କ ଦୃଷ୍ଟି ରଖି ଗଡ଼ ଅଭିମୁଖରେ ଆଗେଇଗଲେ ସେ । କେହି କେଉଁଠି ନାହାନ୍ତି । ଗଡ଼ ଫାଟକ ସାମନାରେ ପହଞ୍ଚି ଦେଖିଲେ, ଫାଟକ ବନ୍ଦ । ଘୋର ଅନ୍ଧକାର ଘୋଟିରହିଛି ଗଡ଼ଟାକୁ ।

ମନରେ ସାହସ ବାନ୍ଧି ଧୀରେ ଅସ୍ତେ ଅସ୍ତେ ଫାଟକଟା ଖୋଲିଦେଲେ ମିଃ ଚୌଧୁରୀ । ଆଗକୁ ଆଗକୁ ଅନ୍ଧାର ଅନ୍ଧାର । ଗଛର ଡାଳଗୁଡ଼ା ଝୁଙ୍କି ଆସିଛି ରାସ୍ତା ଉପରକୁ । ହଠାତ୍ କାହାର କରୁଣ ଚିତ୍କାରରେ ଚମକି ପଡ଼ିଲେ ସେ । 'ଏ ସ୍ୱର ତ ସ୍ତ୍ରୀ କଣ୍ଠର । ତେବେ କମଳା କଣ ଏଇଠି ?' ପର ମୁହୂର୍ତ୍ତରେ ଖାଲି ଗଁ ଗଁ ଶବ୍ଦ । ଯେମିତି କିଏ କାହା ତଣ୍ଟି ଚିପି ଧରିଛି । ତା'ପରେ ସବୁ ଶୁନ୍‌ଶାନ୍ । ନିର୍ଜନ ଅନ୍ଧାର ରାତି । ଭୂତ, ପ୍ରେତଙ୍କ ଆଡ୍‌ଡାର ଅପବାଦ ଥିବା ମହେନ୍ଦ୍ର ଗଡ଼ । ଭିତରେ ସାଥିହୀନ ମିଃ ଚୌଧୁରୀ । ମନଟା ଦବି ଅସୁଥିଲା ତାଙ୍କର । ପାଦ ଦୁଇଟା ତାଙ୍କର ଜବରଦସ୍ତି ଅଟକିଗଲା ସେଠି ।

ଖୁବ୍ ପାଖରେ କାହାର ଭାରି ପାଦଶବ୍ଦ ଶୁଣି ଚମକି ଉଠିଗଲା ମିଃ ଚୌଧୁରୀଙ୍କର । କିଏ ଜଣେ ଉଆସ ଆଡ଼ୁ ଶୀଘ୍ର ଚାଲିଆସୁଛି । ବୁଦା ଉହାଡ଼କୁ ଢୁକିଗଲେ ସେ । ତାଙ୍କର ଆଗଦେଇ ଲୋକଟା ଅତେଇ ଯାଉଛି । "ଏ ସୁଯୋଗ ଛାଡ଼ିବାର ନୁହେଁ କେବେ ।" ତା' ପଛେ ପଛେ ଗୋଡ଼ ବଢ଼ାଇଲେ ଖୁବ୍ ସତର୍କ ହୋଇ ।

ଆଗରେ ଖୋଲା ଫାଟକ । ସେଇଠି ଥମ୍‌କିଲା ଛିଡ଼ା ହୋଇଗଲା ଲୋକଟା । ଖୁବ୍ ସମ୍ଭବ ଖୋଲା ଫାଟକ ଦେଖି ତାର ମନରେ ସନ୍ଦେହ ହେଲା । ଚାରି ଆଡ଼କୁ ଥରେ ଭଲ୍‌ଭାବରେ ଦେଖିନେଇ ପୁଣି ଅଗେଇଗଲା ସେ । ପଛେ ପଛେ ଚାଲିଥାନ୍ତି ମିଃ ଚୌଧୁରୀ ।

ଗାଁ ଶେଷମୁଣ୍ଡରେ ପ୍ରକାଣ୍ଡ ବରଗଛଟା । ତାରି ପାଖରୁ ଠିକ୍ ଏ ଛୋଟ ବଖୁରିକିଆ ଘରଟିଏ । ହେଇଟି ବଳଦେବ

## — ଛଅ —

"କମଳା ନର୍ସ ଗଛରେ ଫାଶୀ ଦେଇ ଆତ୍ମହତ୍ୟା କରିଛି ।" ସତ ପାହୁ ପାହୁ ଏ ଖବର ଗୃହଅଙ୍ଗେ ରାଷ୍ଟ୍ର ହୋଇଯାଇଥିଲା । ପୂର୍ବ ଦିନର ଅନିଦ୍ରା ହେତୁ ମିଃ ଚୌଧୁରୀ ସେ ଦିନ ଡେରିରେ ବିଛଣା ଛାଡ଼ିବାକୁ ମନ କରୁଥିଲେ ବି ଟେଲିଫୋନର ବାରମ୍ବାର ଝଂଣ ଝଂଣ ଶବ୍ଦ ତାଙ୍କୁ ସେଥିରୁ କ୍ଷାନ୍ତ ହେବାକୁ ବାଧ୍ୟ କଲା ଶେଷରେ । ଶେଷକୁ ବଡ଼ ବିରକ୍ତିରେ ଫୋନ୍ ଉଠାଇ ଧରିଲେ ମିଃ ଚୌଧୁରୀ—

"ହ୍ୟାଲୋ ··· ···

··· ··· ···!

"ଆଜ୍ଞା ହଁ; ଶୋଇପଡ଼ିଥିଲି ।"

··· ··· ··· ···

"କମଳା ଫାଶୀ ଦେଇଛି । ଏଇ ଅଧଘଣ୍ଟାଏ ମଧ୍ୟରେ ଆସୁଛି" ।

ଫୋନ୍ ରିସିଭର ରଖିଦେଲେ ମିଃ ଚୌଧୁରୀ । ଶରୀରକୁ ମୋଡ଼ିକଠାଏ ମାରିଦେଇ ଗୁଳିଗଲେ ବାଥ୍ ରୁମ୍‌କୁ । ଅଧଘଣ୍ଟାଏ ପରେ ସେହି ପ୍ରସ୍ତୁତ ହୋଇ କାର୍ ଛୁଟାଇ ଦେଲେ ।

ମହେନ୍ଦ୍ର ଗଡ଼ଠାରୁ କିଛି ଦୂରରେ ପ୍ରକାଣ୍ଡ ବରଗଛଟାଏ । ତା ତଳେ ପ୍ରାୟ ଦୁଇଶହ ଯାଏ ଲୋକ ଜୁଣ୍ଡ ହୋଇଛନ୍ତି । ଜଣେ ଦୁଇଜଣ ପୋଲିସ ବି । ପୋଲିସ ସବ୍‌ଇନ୍‌ସପେକ୍ଟର ସୁଜନବାବୁ ସେଠାରେ ଉପସ୍ଥିତ ଥିଲେ ବି ଲାସଟାକୁ ତଳକୁ ଓହ୍ଲାଯାଇ ନାହିଁ ସେ ପର୍ଯ୍ୟନ୍ତ । ଲୋକେ କିଏ କେତେ ପ୍ରକାରର କହୁଥାନ୍ତି । "ବଳଦେବ ଭଞ୍ଜଙ୍କର ପୁରୁଣା ଗୃକର ସାଧୁ ଟିକ୍ ଏଇଠି ଫାଶୀ ଦେଇଥିଲା ।" ଏ କଥାଟି ସମସ୍ତଙ୍କ ମୁହଁରୁ ଶୁଣା ଯାଉଥାଏ ।

ଲୋକ ଗହଳି ଆଡ଼େଇ ମିଃ ଚୌଧୁରୀ ଆଗେଇ ଗଲେ ଗଛମୂଳକୁ । ଝୁଲୁଥିବା ଲାସ୍‌ଟାକୁ ଥରେ ଭଲଭାବରେ ଦେଖିନେଇ ସେଟା ତଳକୁ ଓହ୍ଲାଇ ଆଣିବାକୁ ହୁକୁମ ଦେଲେ, ସେଠିକାର ଚୌକିଦାରକୁ । ଅନିଚ୍ଛାସତ୍ତ୍ୱେ ବି ଆଦେଶ ପାଳନ କରିବା ଛଡ଼ା ଉପାୟ ନଥିଲା ତାର ।

ଲାସ୍‌ଟା ପଥର ପରି ଶକ୍ତ ହୋଇଯାଇଥିଲା । ତା ଆଖିଡ଼ୋଳା ଦୁଇଟା ଅସମ୍ଭବ ଭାବରେ ଆଗକୁ ବାହାରି ପଡ଼ିଥିଲା । ଲାସ୍‌ର ଗଳାରୁ ଦଉଡ଼ିଟା ଫିଟାଇ ପରୀକ୍ଷା କରୁଥିଲେ ମିଃ ଚୌଧୁରୀ । ବେକରେ ଦୁଇଟି ଚିପର ଦାଗ ବେଶ୍ ପରିଷ୍କାର ବାରି ହୋଇ ଯାଉଥାଏ । ତୋଟିଚିପି ହତ୍ୟା କରି ନିଜେ ଗୋପନରଖିବା ପାଇଁ ବୋଧହୁଏ ଏ କୌଶଳ । ତେବେ ଜଗା କଣ ଏଥିରେ ସମ୍ପୃକ୍ତ ? ପୂର୍ବଦିନ ରାତିରେ ତାହାର ସନ୍ଦେହଜନକ ଗତିବିଧି, ଯେ କୌଣସି ଅପରାଧୀର ଗତିବିଧିପରି, ଏକଥା ବାରମ୍ବାର ମନେ ହେଉଥିଲା ମିଃ ଚୌଧୁରୀଙ୍କର । 'ଏଥର ଖୁବ୍ କୌଶଳକ୍ରି

ଅନୁସନ୍ଧାନ କରିବାକୁ ହେବ ତେବେ ମନେ ମନେ ସ୍ଥିର ସିଦ୍ଧାନ୍ତ କରି ଉଠିଲେ ସେ । ଲାସ୍‌ଟାକୁ ବି ପୋଷ୍ଟମର୍ଟମ୍ ପାଇଁ ପଠାଇ ଦିଆଗଲା ।

× × × ×

"ଏବେ କଣ କରାଯାଇ ପାରେ, ଆପଣ କହନ୍ତୁ"—ବଡ଼ ଚିନ୍ତିତ ହୋଇ କହିଲେ ଏସ୍: ପି. ମି: ରାୟ ।

"କଣ ଯେ କରାଯାଇ ପାରିବ, ସେ ବିଷୟ ମୁଁ ମଧ୍ୟ ସ୍ଥିର କରି ପାରୁନାହିଁ ସାର୍ । ଯେ ଜଣେ ଦୁଇଜଣଙ୍କ ଉପରେ ସନ୍ଦେହ ହେଉଛି—ସେମାନଙ୍କ ବିରୁଦ୍ଧରେ ପ୍ରମାଣ ନାହିଁ । ଯଦି ବା ସେମାନଙ୍କୁ ଅଟକ କରି ଦିଆଯାଉଛି ତେବେ ଦଳଟାର ସନ୍ଧାନ ମିଳିପାରିବା ହୁଏତ ସମ୍ଭବ ନୁହେଁ । ତଥାପି ମୁଁ ପ୍ରାଣପଣେ ଚେଷ୍ଟା କରୁଛି, ଆଉ କରିବି ମଧ୍ୟ ।" କହି ଚୁପ୍‌ହେଲେ ମି: ଚୌଧୁରୀ ।

"ଏଇ ଦେଖନ୍ତୁ ଡାକ୍ତରଙ୍କ ପୋଷ୍ଟମର୍ଟମ ରିପୋର୍ଟ । ସେ କହନ୍ତି ଯେ, ମୃତ୍ୟୁର ପୂର୍ବରୁ ଅତ୍ୟଧିକ ଭୟ ଯୋଗୁଁ ଅସାମୀର ହାର୍ଟଫେଲ୍ ହୋଇଥିଲା । ଅଚ୍ଛା ସେ ଭୟଟା କଣ ? ତେବେ ଗଳା ଚିପିବା, ଆଉ ଫାଶୀ ଲଗାଇ ଗଛରେ ଟାଙ୍ଗି ଦେବାର ଉଦ୍ଦେଶ୍ୟ ବା କଣ ?" ପୋଷ୍ଟମର୍ଟମ୍ ରିପୋର୍ଟ ଖଣ୍ଡି ମି: ଚୌଧୁରୀଙ୍କ ଆଡ଼କୁ ବଢ଼ାଇ ଦେଉ ଦେଉ କହୁଥିଲେ ଏସ୍: ପି: ।

"ମୋର ମନକୁ ଗୋଟାଏ କଥା ଜୁଟୁଛି ସାର୍ ।" ଶରତ୍ ଏଇ କଥା ପଦକ କହିବା ସଙ୍ଗେ ସଙ୍ଗେ ତା ଆଡ଼କୁ ଅଶାୟୀ ହୋଇ ଚାହିଁଲେ ମି: ଚୌଧୁରୀ, ଆଉ ମି: ରାୟ ।

"ଯେମିତି ମୋର ମନେହୁଏ, ଏ ଅଡୁଆର ମୂଳ ହେଉଛି ମହେନ୍ଦ୍ର ଗଡ଼ । ଆମେ ଯଦି କେବଳ ସେଇଠି ନଜର ରଖନ୍ତେ ତେବେ ହୁଏତ କିଛି ସନ୍ଧାନ ମିଳି ପାରନ୍ତା । ମୁଁ ମଧ୍ୟ ସେ ଦିନ ସେଇ ଗାଁର ଲୋକଙ୍କଠାରୁ ଶୁଣି ପାରିଛି ଯେ, ଦିନେ ଦିନେ ରାତିରେ ସେମାନେ ରାସ୍ତାରେ ଭୂତ ବୁଲୁଥିବାର ଦେଖିଛନ୍ତି । ବଳଦେବ ଭଞ୍ଜଙ୍କ ଗୃହର ଜଗା ବି କେତେଥର ଦେଖିଛି । ତା ପରେ ଆଉ ଗୋଟିଏ କଥା; ସଦର ରାସ୍ତା ଛଡ଼ା ଆଉ ଗୋଟିଏ ଗୁପ୍ତରାସ୍ତା ବି ଗଡ଼ ଭିତରକୁ ଅଛି । ନୋହିଲେ କମଳା ସେଦିନ ତା ଭିତରକୁ ଗଲା କେମିତି ? ସେ ଯେ ସଦର ଦରଜାରେ ଯାଇନାହିଁ, ଏଥିରେ ମୁଁ ନିଶ୍ଚିତ ।"

"ତୁମେ ଯାହା ଅନୁମାନ କରୁଛ, ଅଯୌକ୍ତିକ ନୁହେଁ କେବେ । ଅବଶ୍ୟ ତୁମ କଥା ଅନୁସାରେ ଆମର କାମ କରିବା ଉଚିତ । ତେବେ ସେଥିରେ କେତେଦୂର ଆଶାଜନକ ଫଳ ମିଳିବ, ଦେଖନ୍ତୁ । ଦୁହେଁ ପରାମର୍ଶକରି ଯାହାହେବ କରନ୍ତୁ । ମୁଁ ମଧ୍ୟ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ମିଃ ଆଲବର୍ଟଙ୍କୁ ଡକାଇଛି । ସେ ଏଇ ଦିନେ ଦୁଇଦିନ ଭିତରେ ଆସିପାରନ୍ତି ।" ନିରାଶ କଣ୍ଠରେ କହିଲେ ଏସ୍: ପିଃ ।

"ବେଶ୍ । ଆମେ ତେବେ ଆସୁଛୁ ।" କହୁ କହୁ ଉଠିଲେ ମିଃ ଚୌଧୁରୀ ; ସଙ୍ଗେ ସଙ୍ଗେ ଶରତ୍ ବି ।

## — ସାତ —

"ମୋତେ ବଞ୍ଚାନ୍ତୁ । ମୋତେ ବଞ୍ଚାନ୍ତୁ ମିଃ ଚୌଧୁରୀ । ମୁଁ ସରିଗଲି ଏଥର ଏ ସଂସାରରୁ, ମୋତେ ବଞ୍ଚାନ୍ତୁ ।" ଚିତ୍କାର କରି ପାଗଳଙ୍କପରି ଭିତରକୁ ପଶିଆସୁଥିଲେ ଧନ କୁବେର ସେଠ ମନୋହର ଲାଲ୍ । ହାତରେ ଥିଲା ତାଙ୍କର ଖଣ୍ଡେ ନାଲିରଙ୍ଗର କାଗଜ ।

ମିଃ ଚୌଧୁରୀ ବି ସେଠଙ୍କ ଅବସ୍ଥା ଦେଖି ଅସ୍ତବ୍ୟସ୍ତ ହୋଇ ଧାଇଁ ଆସିଲେ ତାଙ୍କ ପାଖକୁ । କୌଣସି ପ୍ରକାରେ ଧରି ଧରି କରି ନେଇ ତାଙ୍କୁ ଚୌକି ଉପରେ ବସାଇ ପଚାରିଲେ—"ଘଟଣା କଣ କହନ୍ତୁ । ଏତେ ବ୍ୟସ୍ତର କାରଣ କଣ ?"

କିନ୍ତୁ ମନୋହର ଲାଲ ଏତେଦୂର ଭୟ ପାଇଯାଇଥିଲେ ଯେ, କଥା କହିବାର ସାମର୍ଥ୍ୟ ତାଙ୍କର ମୋଟେ ନ ଥିଲା କହିଲେ ଚଳେ । ଥରଥର ସେ କାଗଜ ଖଣ୍ଡି ବଢ଼ାଇଦେଲେ ମିଃ ଚୌଧୁରୀଙ୍କ ହାତକୁ । ମଃ ଚୌଧୁରୀ କାଗଜଟାର ଭାଙ୍ଗ ଖୋଲି ଦେଖିଲେ । ଲେଖାଥିଲା—

"ମନୋହର ଲାଲ୍ ।

ଆଗାମୀ ମଙ୍ଗଳବାର ରାତି ଠିକ୍ ବାରଟା ବେଳେ ମୁଁ ତୋଠାରୁ ପଚିଶ ହଜାର ଟଙ୍କା ଲୁଟେହେଁ । ଖଣ୍ଡଗିରି ପାହାଡ଼ ଉପରେ

ସେତିକି ବେଳେ ମୋର ଦେଖା ପାଇବୁ । ସାବଧାନ । ପୋଲିସର ସାହାଯ୍ୟ ନେଇ ମୋତେ ଠକିବାକୁ ଚେଷ୍ଟାକଲେ ଜୀବନର ଆଶା ଛାଡ଼ି ଦେବୁ । ମନେରଖ ; ମଙ୍ଗଳବାର ସନ୍ଧ୍ୟା ବାରଟା ; ପଚିଶ ହଜାର ।

—ପଞ୍ଜାବସିଂ—"

ଥରେ ଦୁହେଁ ; ଦୁଇଥର ନୁହେଁ, ଆଠ ଦଶଥର ଚିଠିଖଣ୍ଡିକୁ ପଢ଼ିଗଲେ ମିଃ ଚୌଧୁରୀ । ପଢ଼ିବା ସଙ୍ଗେ ସଙ୍ଗେ ତାଙ୍କ ମନରେ ନାନାପ୍ରକାର ଭାବନାର ଢେଉ ଗୋଟିକ ପରେ ଗୋଟିଏ ଆସି ଆଘାତ କରୁଥିଲା । ଏତିକି ବେଳେ ଜଣେ କନେଷ୍ଟବଲ ସେ ଦିନର ଡାକଗୁଡ଼ିକ ଆଣି ଦେଇଗଲା ଟେବୁଲ ଉପରେ । ମିଃ ଚୌଧୁରୀ ମନୋହର ଲାଲଙ୍କୁ ଆଶ୍ୱାସନା ଦେଇ କହିଲେ—"ଆପଣ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ ସେଠ୍‌ଜୀ । ସେ ଦିନ ମୁଁ ଆପଣଙ୍କ ସାଥିରେ- ଯିବି । କିନ୍ତୁ ଟଙ୍କା ନେଇ ନୁହେଁ । ସେମାନଙ୍କୁ ଚିରଦିନ ପାଇଁ ଜବଦ୍ କରିଦେବାକୁ ।"

ବଡ଼ ଆବେଗରେ ତାଙ୍କ ହାତ ଦୁଇଟାକୁ ଧରିପକାଇଲେ ସେଠ୍‌ଜୀ । "ଆପଣ ରକ୍ଷା ନକଲେ ମୁଁ ମରିଗଲି ବୋଲି ଜାଣନ୍ତୁ ।"

ସେଠ୍ ମନୋହରଲାଲ୍‌ଙ୍କୁ ବିଦାୟ କରିଦେଇ ମିଃ ଚୌଧୁରୀ ଲାଗିଗଲେ ଚିଠିଗୁଡ଼ିକୁ ଦେଖିବାରେ । ତାଡ଼ା ଭିତରୁ ଖଣ୍ଡିଏ ନାଲି ରଙ୍ଗର ଲଫାପା ତାଙ୍କ ଦୃଷ୍ଟି ଆକର୍ଷଣ କଲା । ସେ ଖଣ୍ଡିକୁ ଆଗ ବାହାର କରି ଆଣିଲେ ସେ । ମୁଦା ଖୋଲି ଭିତର କାଗଜ ଖଣ୍ଡ ଖୋଲି ପଢ଼ିଲେ । ଲେଖାଅଛି :—

"ଲିବୋଧ ଗୋଏନ୍ଦା ।

ବୃଥା ଅନୁସନ୍ଧାନ କର ଲାଭ ନାହିଁ । ବରଂ ନିଜର କ୍ଷତି କର ବସୁଛୁ । ଏଥର ତୋ'ପର ଶହେଟା ଗୋଏନ୍ଦା ହେଲେ ବି ମୁଁ ଭ୍ରୂକ୍ଷେପ କରୁନାହିଁ । ଅନ୍ତଃ ପ୍ରାଦେଶିକ ଦସ୍ୟୁଦଳ ଏତେ ଦୁର୍ବଳ ନୁହନ୍ତି । ଅଗାମୀ ମଙ୍ଗଳବାର ରାତି ବାରଟାବେଳେ କଲିକତାର ଜୟମାଧବବାବୁଙ୍କୁ ଖୁନ୍ କର ମଞ୍ଜୁଲାକୁ ହରଣଗୃହ କରିବି । ସାଧ୍ୟ ଥିଲେ ରକ୍ଷା କରିବାକୁ ଚେଷ୍ଟା କରିବୁ । ସାବଧାନ । ନିଆଁ ସାଙ୍ଗରେ ଖେଳିବାକୁ ଯାଉଛୁ ।

—ପଞ୍ଜାବ ସିଂ—"

"ଆଶ୍ଚର୍ଯ୍ୟ ! ଏକା ଦିନେ ଏକ ସମୟରେ ଦୁଇଟା କାମ ? ଗୋଟିଏ ଓଡ଼ିଶାରେ, ଆଉ ଗୋଟିଏ ପୁଣି କଲିକତାରେ କମ୍ ସାହସ ତ ନୁହେଁ ? ସ୍ପଷ୍ଟମତ ଡାକରା ଦେଇ ଡକାୟତି ! ଅସମ୍ଭବ ! ମିଃ ଚୌଧୁରୀ ଜୀବିତ ଥାଉ ଥାଉ ଯା' କରାଇ ଦେବନାହିଁ କେବେ ।" ମନର ଦୃଢ଼ତା ଫେରାଇ ଆଣିବାକୁ ଚେଷ୍ଟା କରୁଥିଲେ ସେ, ପୁଣି ମନଟା ତାଙ୍କର ନରମି ଅସୁଥିଲା—'ଅନ୍ତଃପ୍ରାଦେଶିକ ଦସ୍ୟୁ ଦଳ । ଯାହାର ନାମ ଶୁଣିଲେ ସାରା ଭାରତ ଥରହର, ତା ପକ୍ଷରେ ଅସମ୍ଭବ ନୁହେଁ କିଛି । ହଉ, ଦେଖା ଯାଉ କଣ ହେଉଛି ?" ରୁମାଲ୍‌ଟା ପକେଟରୁ କାଢ଼ି ମୁହଁଟା ଥରେ ଭଲକରି ପୋଛିନେଇ ବାହାରିଲେ ମିଃ ଚୌଧୁରୀ, ଏସ୍. ପି.ଙ୍କ କୋଠିଆଡ଼େ ।

× × × ×

ମଧ୍ୟାହ୍ନଭୋଜନ ପରେ ବିଶ୍ରାମ କରୁଥିଲେ ଏସ୍. ପି. ମିଃ ରାୟ । ଖବର ପାଇ ସଙ୍ଗେ ସଙ୍ଗେ ଚାଲି ଆସିଲେ ସେ ଅଫିସ

ତୁମକୁ । ମିଃ ଚୌଧୁରୀଙ୍କର ଚିନ୍ତିତ ମୁଖମଣ୍ଡଳ ଦେଖି କିଛି ଗୋଟାଏ ଦୁର୍ଘଟଣାର ଆଶଙ୍କା କରୁଥିଲେ ସେ । "କଣ ? ଘଟଣା କଣ ? ମିଃ ଚୌଧୁରୀ !" ବ୍ୟସ୍ତ ହୋଇ ପଚାରିଲେ ଏସ୍ଃ ପିଃ । ମିଃ ଚୌଧୁରୀ ନୀରବରେ ଚିଠି ଦୁଇଖଣ୍ଡି ବଢ଼ାଇଦେଲେ ତାଙ୍କ ହାତକୁ । ଏସ୍ଃ ପିଃ ମନଯୋଗ ସହକାରେ ପଢ଼ି ଯାଉଥିଲେ ସେ ଦୁଇଖଣ୍ଡି ।

"ବେଶ୍ ତ ! ଏଥିରେ ଆପଣଙ୍କର ଖୁସି ହେବା ଉଚିତ । କିନ୍ତୁ ଆପଣ ଏତେ ଚିନ୍ତିତ କାହିଁକି ମୁଁ ତ ବୁଝିପାରୁନାହିଁ ? ଦସ୍ୟୁ ସହିତ ସାକ୍ଷାତ ହେବ । ଏ ତ ଅତି ଆନନ୍ଦର କଥା ।" ସହାସ୍ୟ ବଦନରେ କହିଲେ ଏସ୍ଃ ପିଃ ।

"ମୋର ଚିନ୍ତିତ ହେବାର ଯଥେଷ୍ଟ କାରଣ ଅଛି ସାର୍ ! ପଞ୍ଜାବ ସିଂ ଏକା ନୁହେଁ, ତା ପରି ଅନେକ ଦୁର୍ଦ୍ଦାନ୍ତ ଦସ୍ୟୁ ସେ ଦଳରେ ଅଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ଶିକ୍ଷିତ ବୈଜ୍ଞାନିକ ବି ।"

"ତଥାପି ମୁଁ ଆପଣଙ୍କ ଉପରୁ ଆସ୍ଥା ତୁଟାଇ ପାରୁନାହିଁ, ମିଃ ଚୌଧୁରୀ । ଆପଣ ଆଜି ଡିଃ ଆଲବର୍ଟଙ୍କୁ ଜୟମାଧବ ଆଉ ମଞ୍ଜୁଳା ଦେବୀଙ୍କ ନିରାପତ୍ତାର ଦାୟିତ୍ୱ ନେବାକୁ କହନ୍ତୁ । ସେଟା ତାଙ୍କର କର୍ତ୍ତବ୍ୟ ମଧ୍ୟ । ତା'ପର ଆପଣ ଏଠାରେ ମନୋହର ଲାଲ ସଙ୍ଗେ ଯାଆନ୍ତୁ । ଶରତ୍ ବାବୁ ବାହାରେ ରହି ଆପଣଙ୍କୁ ସାହାଯ୍ୟ କରନ୍ତୁ ।" ମିଃ ଚୌଧୁରୀଙ୍କ କଥାରେ ବାଧାଦେଇ କହିଲେ ଏସ୍ଃ ପିଃ ।

ଡିଃ ଚୌଧୁରୀଙ୍କ ଓଠରେ ନିରସ ହସ ଟିକିଏ ଖେଳିଗଲା ଯାହା ।

## — ଆଠ —

କି ଦୁର୍ଯୋଗରେ ସେ ଦିନ ରାତିଟା ପାହିଥିଲା କେଜାଣି । ସକାଳୁ ଆକାଶଟା ମେଘରେ ଢାଙ୍କି ହୋଇ ରହିଥିଲା । ମିଃ ଚୌଧୁରୀ ଶୋଇ ଭାବୁଥିଲେ—"ଆଜି ମଙ୍ଗଳବାର, ଖଣ୍ଡଗିରି ଯିବାକୁ ହେବ । ସେଠିଣେ ମିଃ ଅଲବର୍ଟ କି ବ୍ୟବସ୍ଥା କରିଥିବେ କେଜାଣି ? ବିଶେଷ ଚତୁରତାର ପ୍ରୟୋଗ ନ କଲେ ଦସ୍ୟୁ ଯେ ତାର କାମ ହାସଲ କରିଯିବ, ଏଥିରେ ତିଳେହେଲେ ସନ୍ଦେହ ନାହିଁ ।" ଏ ପ୍ରକାର ନାନା ଚିନ୍ତାରେ ଅସ୍ଥିର ହୋଇ ଉଠିଥିଲେ ମିଃ ଚୌଧୁରୀ । ଦିନଯାକ କେତେ କାମ କରିବାକୁ ହେବ । "ଯାହା ହେଉ ; ଥରେ ଆଗ ମହେନ୍ଦ୍ରଗଡ଼ ଆଡ଼େ ବୁଲି ଆସିବାକୁ ହେବ ।"

ବେଶ ବଦଳାଇବାକୁ ବେଶୀ ବେଳ ଲାଗିଲା ନାହିଁ । ଜଣେ ସାଧାରଣ ଭଦ୍ରଲୋକ ବେଶରେ ସାଇକେଲ୍ ଧରି ବାହାରି ପଡିଲେ ସେ । ପାଗ ଖରାପ ଥିଲେ ବି ରାସ୍ତାରେ ଲୋକଙ୍କ ଭିଡ଼ କମ୍ ନଥାଏ । ମହେନ୍ଦ୍ର ଗଡ଼ ଅଡ଼କୁ ଯାଇଥିବା ରାସ୍ତାଟା ନିର୍ଜନ । ଗଡ଼ର ଫାଟକ ସାମନା ଦେଇ ଚାଲିଗଲେ ମିଃ ଚୌଧୁରୀ । ଘରର ସଦର ଦରଜା ଉପରେ ତାଙ୍କର ନଜର ପଡ଼ିଗଲା । "ଏ କିଏ ? ଜଗା ? ସେଦିନ ରାତିରେ ଦେଖିଥିବା ଲୋକର ଚେହେରା ସଙ୍ଗେ ଠିକ୍ ମିଳିଯାଉଛି ।" ସେଠାରେ ଓହ୍ଲାଇଲେ କାଳେ କେହି ସନ୍ଦେହ

କରପାରେ ଭାବ ନଜର ଫେରାଇ ଆଗେଇ ଗଲେ । ତାଙ୍କ ମନରେ ଦୃଢ଼ ଧାରଣା ଥିଲା ଯେ, ମହେନ୍ଦ୍ର ଗଡ଼ ଭିତରକୁ ଯିବା ପାଇଁ ସଦର ଫାଟକ ଛଡ଼ା ଆଉ ଗୁପ୍ତ ରାସ୍ତା ଅଛି ନିଶ୍ଚୟ ।

ଗଡ଼ର ପଛପଟକୁ ଯାଇ ଜଙ୍ଗଲିଆ ସ୍ଥାନଟାକୁ ଭଲଭାବରେ ଲକ୍ଷ କରୁଥିଲେ ସେ । ସଦରପାଖ ଛଡ଼ା ଗଡ଼ର ଅନ୍ୟ ତିନିପାଖ ଗଭୀର ଖାଇ । ଖାଇ କଡ଼େ କଡ଼େ ପାଚେରୀ । ପାଚେରୀ ଭିତରେ, ଆଉ ବାହାର ପଟରୁ ଅନେକ ବଣୁଆ କଣ୍ଟାଗଛ ଖାଇପାଣି ଉପରକୁ ମାଡ଼ିଆସିଛି; ଜାଗାଟା ଖୁବ୍ ଭୟ ପ୍ରଦ, ଏହା ଯେ କେହି ଅନୁମାନ କରିନେଇ ପାରିବ ।

ଖାଇ କଡ଼େ କଡ଼େ କେତେ ଗୁଡ଼ାଏ ବାଟ ଗଲାପରେ ଗୋଟାଏ ଭଲ ଜାଗାରେ ପହଞ୍ଚିଲେ ମି: ଚୌଧୁରୀ । ସେଠାରେ ଗଛଲତାର ବହଳତା କାରଣରୁ ଖୁବ୍ ଅନ୍ଧାରୁଆ ହୋଇଥାଏ । ପାଚେରୀର ଭିତର ପଟରୁ ଗୋଟାଏ ବରଗଛର ଡାଳ, ଆଉ ଓହଳଗୁଡ଼ାକ ଏପଟ ଭୂଇଁ ପର୍ଯ୍ୟନ୍ତ ଲମ୍ବି ଆସିଥାଏ । ମିଃ ଚୌଧୁରୀ ଦେଖିଲେ—ଓହଳ ଗୁଡ଼ିକ ଛନ୍ଦାଛନ୍ଦି ହୋଇ ଠିକ ଦଉଡ଼ିର ସିଡ଼ି ପରି ହୋଇଛି । ସେଟା ଯେ ମଣିଷ ହାତ ତିଆରି, ତା ବେଶ୍ ଅନୁମାନ କରିପାରିଲେ । "ତେବେ ଏଇଟାହିଁ ମହେନ୍ଦ୍ରଗଡ଼କୁ ଯିବାର ଗୁପ୍ତ ରାସ୍ତା ।" ମନ ତାଙ୍କର ଅକୂଳ ସାଗରରେ କୂଳ ପାଇଲା ଯେମିତି । ସେଠାରେ ଗୋଟାଏ ଜାଗାରେ ପୁଣି ମାଟି ଉପରୁ ଘାସ ସବୁ ଦଳା ମଳା ହୋଇ ମରିଯାଇଛି । ସେଇ ମାଟିଉପରେ କେତୋଟି ଖାଲି ପାଦ ଚିହ୍ନ ଆଉ ଜୋତା ଚିହ୍ନ ପରିଷ୍କାର ଜାଣି ହେଉଛି । ନିଜର ଅନୁମାନ ଉପରେ ସମ୍ପୂର୍ଣ୍ଣ [illegible] ହୋଇ ଆସୁଥିଲେ ମିଃ ଚୌଧୁରୀ ।

‘ଅଉ କିଛି ସନ୍ଧାନ ମିଳିପାରେ’—ଏହି ଆଶାରେ ସାଇକେଲଟିକୁ ଗୋଟାଏ ବୁଦା ପଛରେ ଲୁଚାଇ ଦେଇ ଆଖ ବୁଦାଗୁଡ଼ିକୁ ଭଲ ଭଲ କରି ତଲାସ କରିବାକୁ ଲାଗିଲେ ସେ । ତାଙ୍କର ଉଦ୍ଦେଶ୍ୟ ଥିଲା—ସେଠିକୁ ଯା’ ଆସ କରିବା ପାଇଁ ଥିବା ରାସ୍ତାଟିର ସନ୍ଧାନ ନେବା । ଅଳ୍ପ ସମୟ ଖୋଜାଖୋଜି ପରେ ରାସ୍ତାଟା ବି ମିଳିଗଲା । ବେଶ୍ ଚଉଡ଼ା ରାସ୍ତା । ହେଲେ ଗଛଗୁଡ଼ାକ ନଇଁଆସି ତାକୁ ଟିକେ ସଂକୀର୍ଣ୍ଣ କରିଦେଇଛି । ରାସ୍ତା ଉପରଟା ବି ସମାନ ନୁହେ । ଭାରି ଅବଡ଼ା ଖାବଡ଼ା; ଅଜଣା ଲୋକଟାଏ ଗଲେ ଥରେ ଦୁଇଥର ଝୁଣ୍ଟି ପଡ଼ିବାର ଭୟ ଅଛି ନିଶ୍ଚୟ ।

ଗୁରୁଅଡ଼କୁ ନଜର ରଖି ସେଇ ରାସ୍ତାରେ ଆଗଉଥିଲେ ମିଃ ଚୌଧୁରୀ । ଆଗରେ ପ୍ରକାଣ୍ଡ ପାଚେରୀ । ଭିତରେ ମନ୍ଦିର । ସହରର ପ୍ରତ୍ୟକ୍ଷ ଠାକୁରାଣୀ । ତାଙ୍କର ପୂଜକ ପୁଣି ଲୋକମାନଙ୍କ ନିକଟରେ ସାଧକ ରୂପେ ପୂଜା ପାଆନ୍ତି । ସେହି ମନ୍ଦିର ପାଚେରୀର ଗୋଟିଏ ଛୋଟ ଦରଜା ନିକଟରେ ରାସ୍ତାଟି ମିଶିଯାଇଛି । “ମନ୍ଦିର ଭିତର ଦେଇ ତେବେ ବାହାରର ସମ୍ପର୍କ ରଖାଯାଇଛି ଗଡ଼ ଭିତରକୁ ।” ସବୁ କଥା ପରିଷ୍କାର ହୋଇ ଆସୁଥିଲା ତାଙ୍କ ଆଖି ଆଗରେ ।

## — ନଅ —

ରାତି ଏଗାରଟା ବାଜିବା ପରେ ପରେ କଳାରଙ୍ଗର କାର୍ ଖଣ୍ଡିଏ ବ୍ରେକ୍ କଲା ଝଣ୍ଟିରେ ପାଖରେ । ତା ଭିତରୁ ତ୍ରସ୍ତ ହୋଇ ଓହ୍ଲାଇ ପଡ଼ିଲେ ସେଠ୍ ମନୋହର ଲାଲ୍ । ଏଣିକି ତେଣିକି ଗୁହ୍ଣି ପଥର ପାହାଚରେ ଗୋଡ଼ ପକାଇ ଉପରକୁ ଉଠୁଥିଲେ ସେ ; ପାଦ ଦୁଇଟା ତାଙ୍କର ଅଗକୁ ଯିବାକୁ ରାଜି ହେଉନଥିଲା ଯେପରି ।

ଅଳ୍ପ ସମୟ ପରେ ସେଇ ଗାଡ଼ି ଭିତରୁ ବାହାରିଲେ ମି: ଚୌଧୁରୀ । କାନ୍ଧରେ ତାଙ୍କର ଶକ୍ତିଶାଳୀ ରାଇଫଲ୍, ହାତରେ ଲୋଡେଡ୍ ରିଭଲଭର, ଅଉ ଟର୍ଚ୍ଚ । ଗଛର ଅନ୍ଧାରରେ ରହି ସତର୍କ ପଦରେ ସେ ଅନୁସରଣ କରୁ ଥିଲେ ସେଠ୍ ମନୋହରଲାଲ୍‌ଙ୍କୁ । ଶିଖ ଉପରେ ପହଞ୍ଚି ଠିଆ ହେଲେ । ଦେହଟା ତାଙ୍କର ଭୟର ଆଧିକ୍ୟରେ ଥରି ଉଠୁଥିଲା । ଆଉ ମି: ଚୌଧୁରୀ ପ୍ରକାଣ୍ଡ ଗୋଟାଏ ପଥର ଉହାଡ଼ରେ ରହି ଲକ୍ଷ କରୁଥିଲେ ଗୁରୁଆଡ଼କୁ, ଆଉ ଅପେକ୍ଷା କରୁଥିଲେ ସୁଯୋଗକୁ ।

ଗାଢ଼ ଅନ୍ଧକାର ଘେରି ରହିଥିଲା ପାହାଡ଼ ଉପରଟାକୁ । ମେଘୁଆ ପାଗ ସାଙ୍ଗକୁ ଶୀତୁଆ ପବନ ଦେହ ଥରାଇ ଦେଉଥିଲା । କେତେବେଳେ ଗୋଟାଏ ଚଢ଼େଇର ଡେଣା ଫଡ଼ ଫଡ଼ ଶବ୍ଦ, କି ଝିଲ୍ଲିଅର ଝଙ୍କାରରେ ବନଭୂମିର ନୀରବତା ଭାଙ୍ଗି ଯାଉଥିଲା ଯାହା ।

ନୋହିଲେ ଅଜମରୁ ଥିଲା ସମ୍ପୂର୍ଣ୍ଣ ନୀରବତାର ଅଧୁତରେ । ହାତ ଘଡ଼ିକୁ ଚାହିଁଲେ ମିଃ ଚୌଧୁରୀ । ବାରଟା ବାଜିବାକୁ ମୋଟେ ତିନି ମିନିଟ୍ ବାକୀ । ତିନି ମିନିଟ୍‌ପରେ ସେଠ୍ ମନୋହର ଲାଲ୍ ବା ଦସ୍ୟୁ; କାହା ଭାଗ୍ୟରେ କି ବିପର୍ଯ୍ୟୟ ଘଟିବ ଅନୁମାନ କରି ହେଉନାହିଁ । ରାଇଫଲଟା କାନ୍ଧରୁ କାଢ଼ି ହାତରେ ବାଗେଇ ଧରିଲେ ସେ ।

ଠିକ୍ ବାରଟା । ମନେ ମନେ ବଡ଼ ଉଦ୍‌ବିଗ୍ନ ହୋଇ ପଡ଼ିଥିଲେ ମିଃ ଚୌଧୁରୀ । ସେଠ୍ ମନୋହରଲାଲ୍‌ଙ୍କର ଭାଗ୍ୟରେ ମୁହୂର୍ତ୍ତର ଉପକ୍ରମ ହେବାକୁ ବସିଥିଲା ସେତେବେଳକୁ । ହଠାତ ଗୋଟାଏ ଭୀଷଣ ଗର୍ଜନରେ ପାହାଡ଼ଟା ଥରି ଉଠିଲା ଯେମିତି । ମିଃ ଚୌଧୁରୀ ଅନୁମାନ କଲେ—"ମହାବଳ ବାଘଟାଏ ହେବନି-ପରା ।" ରାଇଫଲଟା ଭଲଭାବରେ ସଜାଡ଼ି ଧରିଲେ ସେ । ତାଙ୍କର ଦୃଷ୍ଟିଥିଲା ସେଠ୍ ମନୋହର ଲାଲଙ୍କ ଉପରେ । ମନୋହର ଲାଲ୍ ତାଙ୍କଠାରୁ ପ୍ରାୟ ତିରିଶ ଫୁଟ ଦୂରରେ ଥାନ୍ତି । ଗର୍ଜନ ଶୁଣି ବଡ଼ ବିଚଳିତ ହୋଇପଡ଼ିଥାନ୍ତି ସେ । ଆଗକୁ କି ପଛକୁ ଯିବାକୁ ସାହସ ନଥିଲା ତାଙ୍କର ।

ବାଘର ଘନ ଘନ ହେଣ୍ଟାଳି ଶବ୍ଦ କ୍ରମେ ନିକଟରୁ ନିକଟତର ହେବାକୁ ଲାଗିଲା । ଶବ୍ଦଆଡ଼କୁ ଲକ୍ଷକରି ରାଇଫଲ ବାଗେଇ ଧରିଲେ ମିଃ ଚୌଧୁରୀ । କିନ୍ତୁ ଧୈର୍ଯ୍ୟ ଭାଙ୍ଗିଲା ସେଠ୍ ମନୋହର ଲାଲ୍‌ଙ୍କର । ସେ ଜୀବନ ବିକଳରେ "ମିଃ ଚୌଧୁରୀ; ମିଃ ଚୌଧୁରୀ" ଚିତ୍କାର କରି ଏଣେ ତେଣେ ଧାଇଁବାକୁ ଲାଗିଲେ । ଏ ଘଣ୍ଟସନ୍ଧି ବେଳରେ କଣ କରିବାକୁ ହେବ କିଛି ଠିକ୍ କରି-ପାରିଲେନାହିଁ ମିଃ ଚୌଧୁରୀ ।

ହଠାତ୍ ଗୁଡ଼ୁମ୍ କରି ବନ୍ଧୁକର ଶବ୍ଦ ହେବା ସଙ୍ଗେ ସଙ୍ଗେ ମନୋହର ଲାଲ 'ଆଃ' ବୋଲି ଚିତ୍କାର କରି ଲେଉଟିପଡ଼ିଲେ ତଳେ । ପର ମୁହୂର୍ତ୍ତରେ ଗଛ ଗହଳରୁ ଭାସି ଆସିଲା ଗୋଟାଏ ବିକଟ ଅଟ୍ଟ-ହାସ୍ୟ । ସେ ଶବ୍ଦକୁ ଲକ୍ଷ୍ୟକରି ବନ୍ଧୁକ ଉଠାଇଲେ ମି: ଚୌଧୁରୀ । "କିନ୍ତୁ ଏ କଣ ?" କଳା କଳା କଣଟାଏ ଚାଲି ଆସୁଛି ମନୋହର ଲାଲଙ୍କ ନିକଟକୁ ।" ଉତ୍ତେଜନାରେ ଦେହଟା ଫୁଲି ଉଠିଲା ତାଙ୍କର । ତାକୁ ଲକ୍ଷ୍ୟକରି ବନ୍ଧୁକ ଟେକିଲେ ମି: ଚୌଧୁରୀ । ତାର ଠିକ୍ ପର ମୁହୂର୍ତ୍ତରେ ଅନୁଭବ କଲେ ସେ—ଗୋଟାଏ ଶକ୍ତ, ବଳିଷ୍ଠ, ଅଜ୍ଞାତ ହାତ ତାଙ୍କ ବନ୍ଧୁକଟିକୁ ଛଡ଼ାଇ ନେଲା । ମି: ଚୌଧୁରୀ ମନେକରୁଥିଲେ, ଯେପରି ସେ ଅଦୃଶ୍ୟ ଶକ୍ତି ପାଖରେ ତାଙ୍କର ଶକ୍ତି ଅତି ତୁଚ୍ଛ । ପୁଣି ପର ମୁହୂର୍ତ୍ତରେ ସଚେତ ହୋଇ ଉଠିଲେ ସେ । କୌଣସି ଭୌତିକ ଶକ୍ତିକୁ ସେ ଜୀବନରେ କେବେହେଲେ ବିଶ୍ୱାସ କରିନାହାନ୍ତି । ଜୀବନରେ ଏହାଠାରୁ ବଳି ବହୁତ ଘଟଣାରେ ସମ୍ମୁଖୀନ ହୋଇଥିଲେ ସୁଦ୍ଧା ଆଜିର ପରିସ୍ଥିତି ଥିଲା, ସେ ସବୁ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । "ତାଙ୍କର ଭରସାରେ ସେଠ୍ ମନୋହର ଲାଲ ଧାଇଁ ଆସିଥିଲେ ଏଠିକୁ । ଯାହା ଆଶଙ୍କା ଥିଲା, ତାହାହିଁ ଶେଷ ପରିଣତ ହେଲା ତାଙ୍କର । ଏଥିପାଇଁ ଦାୟୀ କିଏ ? ଦେଶବାସୀଙ୍କୁ ଏହାର ସନ୍ତୋଷଜନକ କୈଫିୟତ୍ ଦେବାକୁ ପଡ଼ିବ ତାଙ୍କୁ କାଲି ନିଶ୍ଚୟ ।"

ଶକ୍ତିଶାଳୀ ଟର୍ଚ୍ଚଟା ଜଳାଇ ପଲକମାତ୍ରେ ଗଛକୁ ଚାଲିପଡ଼ିଲେ ସେ । ଗଛ ପାଖରେ ଯେଉଁ ଦୃଶ୍ୟ ସେ ଦେଖିଲେ, ସେ ଭୟଙ୍କର ଦୃଶ୍ୟ ଦେଖିବା ପାଇଁ ଆଉ ଧୈର୍ଯ୍ୟ ନଥିଲା ତାଙ୍କର । କି ବିକଟ କଙ୍କାଳ ମୂର୍ତ୍ତି । ଆଖି ଦୁଇଟା ତାର ଦାଉ ଦାଉ ହୋଇ

ଜଲଜଜଟୁଛି । ତାର ହାତରେ ତାଙ୍କର ସ୍ବଳ୍ପଫଳଷ୍ଟା । ଥର ହାତଟା ଲମ୍ବି ଅସୁଥିଲା ତାଙ୍କ ବେକ ପାଖକୁ । ବିଜୁଳି ବେଗରେ ପିସ୍ତଲ କାଢ଼ିବାକୁ ଉଦ୍ୟତ ହେଉଥିଲେ ସେ । କିନ୍ତୁ ହାତ ତାଙ୍କର ଅଟକି ଗଲା ଜେବ୍ ଉପରେ । ଭଙ୍କାଳର ଅଟ୍ଟହାସ୍ୟରେ ହାତରୁ ଲାଇଟ୍ ଷ୍ଟା ଠକ୍ କରି ଖସି ପଡ଼ିଲା ତଳେ । ବିଖ୍ୟାତ ଗୋଏନ୍ଦା ମିଃ ଚୌଧୁରୀ ଟଳିପଡ଼ିଲେ ସେଇଠି । ତାଙ୍କର ଚେତନା ଲୁପ୍ତ ହୋଇ ଆସୁଥିଲା କ୍ରମେ ।

× × × ×

କଲିକତାସ୍ଥ ଜୟମାଧବ ବାବୁଙ୍କ ବାସଭବନ । ସମସ୍ତ ପ୍ରାସାଦଟି ଅଲୋକମାଳାରେ ଉଦ୍ଭାସିତ । ଚାରିଆଡ଼େ ସତର୍କ ପୋଲିସ ପହରା । ପ୍ରାସାଦ ଭିତରେ ପ୍ରତ୍ୟେକ ବାରଣ୍ଡାରେ ବି ସଙ୍ଗୀନ୍‌ଧାରୀ ପୋଲିସ । ଦସ୍ୟୁଙ୍କୁ ଦୃଢ଼ ଭାବରେ ପ୍ରତିରୋଧ କରିବାପାଇଁ ପ୍ରସ୍ତୁତ ହୋଇ ରହିଥିଲେ ମିଃ ଅଲବର୍ଟ । ତାଙ୍କ ବିନା ଅନୁମତିରେ ପ୍ରାସାଦ ଭିତରେ ଯେ କୌଣସି ଲୋକର ପ୍ରବେଶ ନିଷିଦ୍ଧ ଥିଲା ।

ରାତି ସାଢ଼େ ଏଗାରଟା ବାଜିବା ସଙ୍ଗେ ସଙ୍ଗେ ସମସ୍ତ ପୋଲିସବାହିନୀଙ୍କୁ ଶେଷଥର ପାଇଁ ସତର୍କ କରିଦେଇ ଭିତରକୁ ଚାଲିଗଲେ ମିଃ ଅଲବର୍ଟ । ସେ ପର୍ଯ୍ୟନ୍ତ ତଳମହଲାର ଡ୍ରଇଂ ରୁମ୍‌ରେ ବସି ରହିଥାଆନ୍ତି ଜୟମାଧବ ବାବୁ ଓ ମଞ୍ଜୁଳା ଦେବୀ । ଉଭୟଙ୍କର ଆସନ୍ନ ମୃତ୍ୟୁ ଆଶଙ୍କା ମୁହଁରେ ବିଷାଦର କାଳିମା ବୋଳି ଦେଇଥିଲା ଯେପରି ।

ଡ୍ରଇଂ ରୁମ୍ ଭିତରେ ମିଃ ଅଲବର୍ଟ ଆସନ ଗ୍ରହଣ କଲାପରେ ଏଣୁ ତେଣୁ ବିଷୟରେ ଆଳାପ ଆରମ୍ଭ କରିଦେଲେ । ତାଙ୍କର ଉଦ୍ଦେଶ୍ୟ ଥିଲା—କୌଣସି ପ୍ରକାରେ ଏମାନଙ୍କୁ ଭୁଲାଇ ରଖିବା । କଥାବାର୍ତ୍ତା ମଝିରେ ମିଃ ଅଲବର୍ଟ କଣେଇ କଣେଇ ଥରେ ଥରେ ନିଜ ଘଡ଼ିକୁ ଚାହୁଁଥାନ୍ତି ; ଅବଶ୍ୟ ଜୟମାଧବ ବାବୁ ଆଉ ମଞ୍ଜୁଳା ଦେବୀଙ୍କ ଅଗୋଚରରେ ।

ବାରଟା ବାଜିବାକୁ ଦୁଇମିନିଟ ବାକି । ମନେ ମନେ ବଡ଼ ଚଞ୍ଚଳ ହୋଇ ଉଠୁଥିଲେ ମିଃ ଅଲବର୍ଟ । କୋଠରୀଟିର ଝରକାଗୁଡ଼ିକ ବନ୍ଦ ଥିଲା । ଦ୍ୱାର ଆଡ଼କୁ ଚାହିଁ ରହିଥିଲେ ସେ । ହଠାତ୍ ଚମକି ପଡ଼ି ପକେଟରୁ ସେ ପିସ୍ତଲଟା କାଢ଼ି ଆଣିଲେ । ଦ୍ୱାରର ଗୋଟାଏ ପାଖରୁ କାହାର ଲମ୍ବ ଛାଇଟାଏ ଧୀରେ ଧୀରେ ଆଗେଇ ଆସୁଛି । ପାଦ ଚିପି ଚିପି ଦ୍ୱାର ପାଖକୁ ଚାଲିଯାଉଥିଲେ ମିଃ ଅଲବର୍ଟ । ସେ ଠିକ୍ ଦ୍ୱାର ପାଖରେ ପହଞ୍ଚିବାକ୍ଷଣି ଦପ୍ କରି ଲିଭିଗଲା ବତୀଗୁଡ଼ାକ । ତା ସଙ୍ଗେ ସଙ୍ଗେ ପୋଲିସର ଘନ ଘନ ହୁଇସିଲ୍ ଶବ୍ଦ । ମିଃ ଅଲବର୍ଟ ଅନୁଭବ କରୁଥିଲେ ସେ ଅନ୍ଧକାର ଭିତରେ କାହାର ବଳିଷ୍ଠ ହାତ ଦୁଇଟା ତାଙ୍କ ହାତକୁ ଚିପି ଧରିଛି । ଯନ୍ତ୍ରଣାର ଆଧିକ୍ୟରେ ଚିତ୍କାର କରି ଉଠିଲେ ସେ ।

କେତେ ସେକେଣ୍ଡ ପରେ ବତୀଗୁଡ଼ାକ ପୁଣି ଜଳି ଉଠିଲା । ଡ୍ରଇଂ ରୁମ୍ ଭିତରକୁ ପାଗଳପରି ଧାଇଁଗଲେ ମିଃ ଅଲବର୍ଟ । ସର୍ବନାଶ । ମଞ୍ଜୁଳା ଦେବୀ ଘର ଭିତରୁ ଅନ୍ତର୍ଦ୍ଧାନ । ଜୟମାଧବ ବାବୁଙ୍କ ବେକରେ ଦଉଡ଼ି । ଘରର ଛାତ କଡ଼ିରେ ଝୁଲୁଥିଲେ ସେ ।

କମରରୁ ଛୁରୀଟା କାଢ଼ି ଦଉଡ଼ି କାଟିଦେଲେ ମିଃ ଅଲବର୍ଟ । ନା ! ଜୟମାଧବ ବାବୁଙ୍କ ଦେହରୁ ଜୀବନ ଛାଡ଼ି ଯାଇ ନାହିଁ । ସଙ୍ଗେ ସଙ୍ଗେ ଡାକ୍ତରଙ୍କ ନିକଟକୁ ଫୋନ୍ କରିଦେଲେ ସେ । ଆଶ୍ଚର୍ଯ୍ୟ ! ହତା ସାରା ତନ୍ନ ତନ୍ନ କରି ଖାନତଲାସ କଲେ ବି କିଛି ଚିହ୍ନ ବର୍ତ୍ତି ନାହିଁ ତାହାର ।

---

## — ଦଶ —

ଦୁର୍ବଳ ଆଖିପତା ଦୁଇଟା ଖୋଲିବାକୁ ଚେଷ୍ଟା କରୁଥିଲେ ମିଃ ଚୌଧୁରୀ । ମେଡ଼ିକାଲର ଗୋଟିଏ କକ୍ଷର ବେଡ୍ ଉପରେ ତାଙ୍କର ଦେହଟା ସ୍ଥିର ରହିଥିଲା । ପାଖରେ ବସିଥିଲେ ପୋଲିସ ଏସ୍. ପି. ମିଃ ରାୟ, ଡାକ୍ତର ମିଶ୍ର, ଆଉ ଶରତ୍ । ମନରେ ଗଭୀର ଦୁଃଖ ରେଖାପାତ କରିଥିଲା ପ୍ରତ୍ୟେକଙ୍କର ।

ଆଖିପତା ଦୁଇଟି ଫିଟାଇବା ମାତ୍ରେ ଚିତ୍କାର କରି ଉଠିଲେ "ମୁଁ କେଉଁଠି ? ସେଠ୍ ମନୋହର ଲାଲ୍ କାହାନ୍ତି ।"

ତାଙ୍କୁ ସାନ୍ତ୍ୱନା ଦେଇ ଆଉ କିଛି ସମୟ ବିଶ୍ରାମ କରିବାକୁ କହୁଥିଲେ ଏସ୍. ପି, ଓ ଡା. ମିଶ୍ର ।

"ଓଃ । ମୁଁ ଆଉ ବଞ୍ଚାଇ ପାରିଲି ନାହିଁ ତାଙ୍କୁ ।" ହତାଶାରେ ଭାଙ୍ଗି ପଡ଼ୁଥିଲେ ମିଃ ଚୌଧୁରୀ । ବେଡ୍‌କୁ ଆଉଜି ବସିଲେ ସେ । ବୃନ୍ଦାବନ ରାତିର ସମସ୍ତ ଘଟଣା ଗୋଟି ଗୋଟି କରି ବର୍ଣ୍ଣନା କରିବାକୁ ଲାଗିଲେ ଏସ୍. ପି,ଙ୍କ ପାଖରେ । କଥା ଶେଷରେ ସେ ପଚାରିଲେ—'ସେଠ୍ ମନୋହର ଲାଲ୍‌ଙ୍କ ଖବର କଣ ?"

"ଆମେ ଯାହା ଆଶଙ୍କା କରୁଥିଲେ ସେଇଆ । ଗୁଳି ବାଜିଥିଲା ତାଙ୍କ ଛାତିରେ । ତଥାପି ତାଙ୍କ ମୃତଦେହ ଆମେ ପାଇଥିଲୁ ଖଣ୍ଡଗିରି ତଳେ ଥିବା ବରଗଛ ପାଖରୁ । ବେକରେ ଫାଶୀ ଲଗାଯାଇ ଝୁଲାଇ ଦିଆଯାଇଥିଲା ତାଙ୍କୁ ।" କହିଲେ ଏସ୍ ପି. । "କଲିକତାର ଖବର କିଛି ମି: ଆଲବର୍ଟ ଦେଇଛନ୍ତି କି ?" କ୍ଲାନ୍ତ ସ୍ୱରରେ ପଚାରିଲେ ମି: ଚୌଧୁରୀ ।

"ହଁ; ସେ କଥା ମୁଁ କହିବାକୁ ଭୁଲି ଯାଉଛି । ଆଜି ସକାଳେ ଓ୍ୟାର୍‌ଲେସ୍‌ରେ ଖବର ଆସିଛି । ଫାଶୀ ଲଗାଇ ଦସ୍ୟୁ ଝୁଲାଇ ଦେଇଥିଲା ଜୟମାଧବଙ୍କୁ । କିନ୍ତୁ ଦୈବ ଯୋଗକୁ ବଞ୍ଚି ଯାଇଛନ୍ତି ସେ ।" କହି ନୀରବ ହେଲେ ଏସ୍. ପି. ।

"ଆଜି ଭିତରେ ଏହାର ସନ୍ଧାନ ନେବାକୁ ହେବ ।" ବିଛଣାରୁ ଉଠୁ ଉଠୁ କହିଲେ ମି: ଚୌଧୁରୀ ।

"କିନ୍ତୁ ଆପଣ ଯେ କ୍ଲାନ୍ତ । ଆଜି ଦିନେ ଅନ୍ତତଃ; ତା'ପରେ ଯାହାହେବ ।" ବ୍ୟସ୍ତ ହୋଇ କହିଲେ ଏସ୍. ପି. ।

"ନା; ଅଳ୍ପ ସମୟର ଅସଦବ୍ୟବହାର କରିବା ଉଚିତ ନୁହେଁ । ଏଥର ସେମାନଙ୍କର ମୂଳୋତ୍ପାଟନ ନ କଲେ ଆଉ ରକ୍ଷାନାହିଁ । ମୋ ପାଇଁ ମୁଁ ଅଦୌ ଚିନ୍ତିତ ନୁହେଁ ।" ଦୃଢ଼ଭାବରେ କହିଲେ ମି: ଚୌଧୁରୀ ।

"ତେବେ କଣ କରିବାକୁ ଚାହାନ୍ତି ଆପଣ ?"

"ଆମର ପ୍ରଥମ ଅଭିଯାନ ଆଜି ହେବ, ମହେନ୍ଦ୍ରଗଡ଼ ଅଭିମୁଖରେ । ମୋର ଅନୁମାନ ମଞ୍ଜୁଳା ଦେବୀଙ୍କୁ ସେମାନେ ମହେନ୍ଦ୍ର ଗଡ଼କୁ ଆଣିବେ ନିଶ୍ଚୟ । 'ତୁଏତ ଅଣିସାରିବେଣି ବା କଣ ?

ସେ ବିଷୟରେ କିଛି ଗୋଟାଏ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିବ ଅଲ୍ପ ।" ଦୃଢ଼ତା ପୂର୍ବପର ରଖି କହିଲେ ମିଃ ଚୌଧୁରୀ ।

× × × ×

ସେ ଦିନ ସନ୍ଧ୍ୟା ହେବାର ଅଧଘଣ୍ଟାଏ ପରେ ମହେନ୍ଦ୍ରଗଡ଼ ଅଭିମୁଖରେ ବାହାରି ପଡ଼ିଲେ ମିଃ ଚୌଧୁରୀ, ଅଭି ଶରତ୍ । ଉଭୟ ଶକ୍ତିଶାଳୀ ମାରଣାସ୍ତ୍ରରେ ସଜ୍ଜିତ । ସଦର ବାଟରେ ଗଲେ କାଳେ କେହି ଦେଖିନେଇପାରେ, ଏହି ଭୟରେ କାଳୀ ମନ୍ଦିର ପଛ ପଟ ଦେଇ ଧୀରେ ଧୀରେ ଅଗେଇଗଲେ ସେ ଦୁହେଁ । କାଳୀ ମନ୍ଦିରର ଗହଳ ଚହଳ ବେଶ୍ ପରିଷ୍କାର ଶୁଣାଯାଉଥିଲା ତାଙ୍କୁ । ସେ ସବୁ ଆଡ଼କୁ ବିଶେଷ ଲକ୍ଷ ନରଖି ବୁଦା ଜହାଡ଼େ ଜହାଡ଼େ ଯାଇ ଶେଷରେ ପହଞ୍ଚିଲେ ସେଇ ବରଗଛ ପାଖରେ—ଯେଉଁଠିକି ଗୁପ୍ତଦ୍ୱାର ଆବିଷ୍କାର କରିଥିଲେ ମିଃ ଚୌଧୁରୀ ।

ସେ ସ୍ଥାନଟା ସେତେବେଳକୁ ଥିଲା ସମ୍ପୂର୍ଣ୍ଣ ନିର୍ଜନ । ଗୋଟାଏ ଝଙ୍କାଳିଆ ବୁଦା ଜହାଡ଼ରେ ଲୁଚି ବସିଲେ ମିଃ ଚୌଧୁରୀ, ଅଭି ଶରତ୍ । ତାଙ୍କୁ କେହି ଦେଖିପାରିବାର ଭୟ ନଥିଲେ ବି ସେ ଦୁହେଁ ଗଛର ତଳଟାକୁ ପରିଷ୍କାର ଭାବରେ ଦେଖିପାରୁଥିଲେ । ଦ୍ୱିତୀୟା ତିଥିର ଚନ୍ଦ୍ର ଉଦୟ ହେବାମାତ୍ରେ ସ୍ଥାନଟା ଅଳ୍ପ ପରିଷ୍କାର ହୋଇଗଲା ତାଙ୍କ ଆଖି ଆଗରେ ।

ଯଦି କିଛି ସନ୍ଧାନ ନ ମିଳେ ତେବେ ଗଭୀର ରାତିରେ ଗଡ଼ ଭିତରେ ପଶି ମଞ୍ଜୁଳା ଦେବୀଙ୍କ ଖୋଜ ନେବାକୁ ମନେ ମନେ ଦୃଢ଼ ସଙ୍କଳ୍ପ କରିଥିଲେ ମିଃ ଚୌଧୁରୀ । କିନ୍ତୁ ତାଙ୍କୁ ଏତେ ଅଧ୍ୟାସ ସ୍ୱୀକାର କରିବାକୁ ପଡ଼ିଲା ନାହିଁ । ରାତି ବାରଟା

ବାଜିବା ସଙ୍ଗେ ସଙ୍ଗେ ପାଚେରୀର ଆର ପଟରୁ ସାମାନ୍ୟ ଖଡ଼ ଖଡ଼ ଶବ୍ଦ ଶୁଣାଗଲା । ମି: ଚୌଧୁରୀ ଆଉ ଶରତ୍ ସେ ଅଡ଼କୁ କାନ ଡେରିଲେ । ଅଳ୍ପ ସମୟ ମଧ୍ୟରେ ଶବ୍ଦଟା କ୍ରମେ ସ୍ପଷ୍ଟରୁ ସ୍ପଷ୍ଟତର ହେଲା । ତା'ପରେ ବର ଗଛର ଡାଳ ସାମାନ୍ୟ ଦୋହଲି ଗଲା । ମି: ଚୌଧୁରୀ ଅନୁମାନ କଲେ, କେହି ଜଣେ ବରଗଛର ଡାଳଦେଇ ଚଢ଼ି ଆସୁଛି । ପିସ୍ତଲଟା ବାଗେଇ ଧରି ବସିବା ଜାଗାରୁ ଉଠି ଠିଆହେଲେ ସେ ।

ପ୍ରାୟ ମିନିଟିଏ ପରେ ଓହଳ ସିଡ଼ି ଦେଇ ଓହ୍ଲାଇ ଆସିଲା ସାଧାରଣ ପୋଷାକଧାରୀ ମଣିଷ ଜଣେ । ସେ ଯେପରି କାହାକୁ ଅପେକ୍ଷା କରୁଛି, ଏହା ତାହାର ଗତିବିଧିରୁ ପରିଷ୍କାର ଜାଣି ହେଉଥିଲା । ଦୁଇମିନିଟ୍ ଅପେକ୍ଷା କଲାପରେ ଲୋକଟି ଟର୍ଚ୍ଚଟିଏ ବାହାର କରି ନଦୀର ଅଡ଼କୁ ଦେଖାଇ ତିନିଥର ଦପ୍ ଦପ୍ କରି ଜଳାଇଲା । ତାର ସଙ୍ଗେ ସଙ୍ଗେ ମଧ୍ୟ ନଦୀର ଅଡ଼ୁ ସେହିପରି ଆଲୋକର ସଙ୍କେତ ଦେଖାଗଲା । ଘଟଣାଟା ଦେଖିବାପାଇଁ ବୁଦାରୁ ଟିକିଏ ବାହାରକୁ ଆସି ଛିଡ଼ା ହେଲେ ମି: ଚୌଧୁରୀ, ଆଉ ଶରତ ।

ଅଳ୍ପ ସମୟରେ ରାସ୍ତା ଅଡ଼ୁ ଦୁଇ ତିନିଜଣ ଲୋକଙ୍କର ଧୀର ଓ ଚୁପା ଗଳାର କଥାବାର୍ତ୍ତା ଆଉ ଡାଳରେ ଅଟେଇବାର ମସ୍ ମସ୍ ଶବ୍ଦ ଶୁଣାଗଲା । ମି: ଚୌଧୁରୀ ଶରତ୍ ଦେହରେ ଟିକେ ହାତ ମାରିଦେଇ ସତର୍କ ରହିବାକୁ ଇଙ୍ଗିତ କଲେ । ଦେଖୁ ଦେଖୁ ତିନିଜଣ ଲୋକ କାନ୍ଧରେ ଗୁଡ଼ାଏ କଣ ଜିନିଷ ବୋହି ସେଠି ଆସି ପହଞ୍ଚିଲେ । ସେମାନଙ୍କୁ ଦେଖି ଉପର ଲୋକଟି ଗଳା-ଖଙ୍କାର କହିଲା—"କଣ ହନୁମାନ ସିଂ, ଜିନିଷ ଠିକ୍ ଅଛି ତ ?"

ଲୋକମାନଙ୍କ ଭିତରୁ ଜଣେ କହିଲା—"ହଁ, ହଁ, ସବୁ ଠିକ୍ ଅଛି ?" ବୋଧହୁଏ ସେଇ ଲୋକଟି ହନୁମାନ ସିଂ ହେବ ।

"ବେଶ୍, ବେଶ୍ । ନୋହିଲେ ଜୀବନଟିମାନ ଯାଇଥାନ୍ତା ଆଜି ତୁମର । ଆଚ୍ଛା । ତେଣେ ଜୟମାଧବ ଶେଷ ପାଇଛି ତ ?"

"ଆରେ ! ନ ପାଇବାର ବି ଆଉ ରାସ୍ତା ଅଛି ? ରହମତ ଯେଉଁ କାମରେ ହାତ ଦେବ ସେ ଆଉ ନ ହେବ ? ହେଲେ ବଡ଼ ପରିଶ୍ରମ ପଡ଼ିଲା ଭାଇ ।"

"ହଉ, ହଉ; ବାହାଘର ଭୋଜି ଖାଇବ, ଆଉ ମୋଟା ବକ୍‌ସିସ୍ ବି ପାଇବ, ସର୍ଦ୍ଦାର କହୁଥିଲା—ଭାଇ ହୀରାଲାଲ୍ ମାଲୁଅଛି ଘରେ ଟିକେ ହାତ ଭୁଲାଇ ଦେବାପାଇଁ । ବାହାଘର ଖର୍ଚ୍ଚ ଦରକାର ।"

"ଭଲ, ଭଲ ! ହଉ ଭାଇ ! ଆମେ ଏବେ ଯାଉଁ ! ଟିକେ ବିଶ୍ରାମକରୁ ତେବେ, ସର୍ଦ୍ଦାରକୁ ଆମର ସଲାମ ଦେବୁ । ହଁ; ଆଉ ଗୋଟିଏ କଥା; ସର୍ଦ୍ଦାରକୁ କହିବ, ଆମେ ଆଉ କେତେଦିନ ନିଶ, ଦାଢ଼ି, ଲଗାଇ ବାବାଜୀ ସାଜି ମନ୍ଦିରରେ ଥିବୁ ? ଭାଇ, ଏମିତି ରହିବାକୁ ଭଲ ଲାଗୁନାହିଁ । ଭୟ ବି ଲାଗିଲାଣି । ଜାଣୁଚତ ମିଃ ଚୌଧୁରୀ କଥା, ଠିକେ ଯଦି ସୁରାକ୍ ମିଳିଯିବ ତାକୁ, ତେବେ ଫେରେ ଘାଣି ପେଲରେ, ଘଣା ପେଲରେ, ପଞ୍ଚବର୍ଷ ।" ଲୋକଟାର ଅଙ୍ଗ ଭଙ୍ଗିରେ ହେଁ ହେଁ ହୋଇ ହସିଉଠିଲେ ସମସ୍ତେ ।

ଏତିକିବେଳେ ପାରେଶ୍ୱ ଅର ପଟରୁ ସାମାନ୍ୟ ଟୁଂ ଟାଂ ଶବ୍ଦ ଶୁଣାଗଲା । "ଏହି ! ସେ ଆଇଲାଣି କହି" ଗୁରୁଜଣଯାକ ଭିତରରେ ମନ୍ଦିର ଅଡ଼କୁ ଫେରଗଲେ ।

ଠିକ୍ ପର ମୂହୁର୍ତ୍ତରେ ପ୍ରବେଶକଲା ଜଣେ କଳା ପୋଷାକ-ଧାରୀ । ତାକୁ ଦେଖିବା କ୍ଷଣି ଅଗର ସେ ଲୋକଟି ଅଭିବାଦନ ଜଣାଇଲା । ମିଃ ଚୌଧୁରୀ ଅନୁମାନ କଲେ 'ଏ ବୋଧେ ସର୍ଦ୍ଦାର ହେବ ।' ତାପରେ ପରେ ପୁଣି ଗଡ଼ ଭିତରୁ ଚାରିଜଣ ଲୋକ ସେଇ ବାଟ ଦେଇ ଉହୁଲାଇ ଆସିଲେ । କାହାରମୁହଁରେ କଥାନାହିଁ । କାଠର ଲମ୍ବା ବାକ୍ସଟାକୁ କାନ୍ଧରେ ବୋହିନେଇ ଆଗେଇ ଚାଲିଲେ ଖାଇର କଡ଼େ କଡ଼େ । କଳା ପୋଷାକଧାରୀ ଲୋକଟି ବଜ୍ର-ଗମ୍ଭୀର ସ୍ୱରରେ କହିଲା—"ସଦର ବାଟେ ହୁସିଆର୍ ।"

ସଙ୍ଗେ ସଙ୍ଗେ ସେ, ଅଜ ଅଗର ଲୋକଟି ଓହଲ ସିଡ଼ି ଦେଇ ଅଦୃଶ୍ୟ ହୋଇଗଲେ ।

'ଲମ୍ବ କାଠ ବାକ୍ସଟା ଭିତରେ ମଞ୍ଜୁଲା ଦେବୀ ଥାଇ-ପାରନ୍ତି' ଏହା ଅନୁମାନ କରୁଥିଲେ ମିଃ ଚୌଧୁରୀ । ଯାହାହେଉ; କାଲି ହୀରାଲାଲ ମାରୱାଡ଼ି ଘରେ ଏମାନେ ପଶିଲେ କିଛି ଗୋଟାଏ ବ୍ୟବସ୍ଥା କରିବାକୁ ହେବ ନିଶ୍ଚୟ ।" ନିଜର ଭବିଷ୍ୟତ କର୍ମପନ୍ଥା ସ୍ଥିର କରିଯାଉଥିଲେ ମିଃ ଚୌଧୁରୀ ।

# — ଏଗାର —

ନଈକୂଳର ସେ ହଳଦିଆ ରଙ୍ଗର ଦୁଇମହଲା କୋଠା, ଅଉ ତରଙ୍ଗଲଗ୍ନ ଫୁଲ ବଗିଚାଟିକୁ ଦେଖିଲେ ଯେ କେହି ମାଲିକଙ୍କର ଆଧୁନିକ ରୁଚିର ତାରିଫ୍ ନ କରି ରହିପାରିବ ନାହିଁ । ଏଇଟି ହୀରାଲାଲ୍ ମାରୁଆଡ଼ିଙ୍କର ।

ହୀରାଲାଲ୍ ବିଖ୍ୟାତ ବ୍ୟବସାୟୀ । ସହରରେ ବିଭିନ୍ନ ଜିନିଷର ଛଅ ସାତଟା ବଡ଼ ବଡ଼ ଗୋଦାମ ତାଙ୍କର । ତା' ଛଡ଼ା ଅନେକ ଭଡ଼ାଘର ବି । ମାସରେ ଟଙ୍କା ଲକ୍ଷେରୁ କମ୍ ଆୟ ହୁଏନାହିଁ କେବେ । ଚାକର ବାକର ମିଶି ହୀରାଲାଲ୍‌ଙ୍କର ପରିବାରରେ ପନ୍ଦର ଷୋଳଜଣ ଯାଏ ଲୋକ ହେବେ ।

ସେଦିନ ରାତି ବାରଟା ବାଜିବା ବେଳକୁ ସଦର ଫାଟକ ବନ୍ଦହେଲା ହୀରାଲାଲ୍‌ଙ୍କର । କ୍ରମେ ଗୋଟି ଗୋଟି ହୋଇ ଆଲୁଅ କୋଠରୀମାନଙ୍କରୁ ଲିଭିବାକୁ ଲାଗିଲା । ଚାକରବାକରଙ୍କର କୋଳାହଳରେ ମୁଖରିତ ପ୍ରାସାଦଟି ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ନିର୍ଜନ ହୋଇଗଲା ।

ତାର ଠିକ୍ ଘଣ୍ଟାକ ପରେ କଳାରଙ୍ଗର କାର୍ ଖଣ୍ଡିଏ ଲାଗିଲା ଫାଟକ ପାଖରେ । ତା ଭିତରୁ ଓହ୍ଲାଇ ପଡ଼ିଲେ ଦଶଜଣ କଳା

ପୋଷାକଧାରୀ ଲୋକ । ଖୁବ୍ ଧୀରେ ପାଦ ଚପି ଚପି ଫାଟକ ଖୋଲି ଅଗେଇ ଗଲେ ସେମାନେ । କେବଳ ଡ୍ରାଇଭର ଜଣକ ଗାଡ଼ିଠାରୁ ଦୂରରେ ଲୁଚି ବସିଲା । ସାମାନ୍ୟ ଖୁଡ୍‌ଖାଡ୍ ପରେ ଦାଣ୍ଡ ଦରଜାଟା ଖୋଲିଗଲା । ଭୁଷ୍ ଭୁଷ୍ ଘର ଭିତରକୁ ପଶିଗଲେ ଏମାନେ । ସମସ୍ତଙ୍କ ହାତରେ ରିଭଲଭର୍ । ଚାକର, ପୂଜାରୀଙ୍କୁ ଧମକାଇ ସେମାନଙ୍କର ମୁହଁ ଚୁପ୍ କରିଦେବାକୁ ବେଶୀ ବେଳ ଲାଗିଲା ନାହିଁ ସେମାନଙ୍କୁ ।

ସାରା ଦିନଟି ପରିଶ୍ରମ ପରେ ଗଭୀର ସୁଖନିଦ୍ରାରେ ବୁଡ଼ି ରହିଥିଲେ ହୀରାଲାଲ୍ । ଚାରିଜଣ କଳାପୋଷାକଧାରୀ ପଲଙ୍କ ଉପରୁ ଟିକି ଆଣିଲେ ତାଙ୍କୁ ସେହି ଅବସ୍ଥାରେ । କିନ୍ତୁ ବୁଝିବା ଆଗରୁ ଚାରିଟି ପିସ୍ତଲ ତାଙ୍କ ଆଡ଼କୁ କ୍ଷୁଧିତ ଦୃଷ୍ଟି ପକାଉଥିବାର ଦେଖି ପାରିଲେ ସେ । ଦଶ ମିନିଟ୍ ମଧ୍ୟରେ ଶକ୍ତ ଆଇରନ୍ ଚେଷ୍ଟଟା ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଗଲା ସବୁ । ସେ ଦୃଶ୍ୟ ଦେଖି ଦେଖି ମୂର୍ଚ୍ଛିତ ହୋଇପଡ଼ିଲେ ହୀରାଲାଲ୍ ।

ଏଣେ ଦସ୍ୟୁ ଡ୍ରାଇଭର ବେଶ୍ ଆରାମରେ ବସି ରହିଥିଲା । ଖୁବ୍ ନିକଟରେ ଥାଇ ସବୁ ବିଷୟ ଲକ୍ଷ୍ୟ କରୁଥିଲେ ମିଃ ଚୌଧୁରୀ ଅଜୟ ଶରତ୍ । 'ଏଇଟା ଗୋଟାଏ ସୁବର୍ଣ୍ଣ ସୁଯୋଗ' ଭାବି ଶିକାରୀ ବାଘଭଳି ପାଦ ଚପି ଚପି ତା ପାଖକୁ ଆସୁଥିଲେ ମିଃ ଚୌଧୁରୀ । ତାର ପଛ ପାଖରେ ଠିଆହୋଇ ଆଗ ନିଜକୁ ପ୍ରସ୍ତୁତ କରିନେଲେ ସେ । ତା'ପରେ ଖୁବ୍ ଜୋରରେ ଚପି ଧରିଲେ ଦସ୍ୟୁର ବେକକୁ । ଅଳ୍ପ ସମୟ ମଧ୍ୟରେ ସେ ବେହୋସ ହୋଇ ପଡ଼ିଗଲା ତଳେ । ତାର ଦେହରୁ କଳା ପୋଷାକଟା ଖୋଲି ନିଜେ ପିନ୍ଧିନେଲେ

ମିଃ ଚୌଧୁରୀ । ଶରତ୍ ଜିମାରେ ତାଙ୍କୁ ଦେଇ ସେ ଶୀଘ୍ର ଗାଡ଼ି ପାଖକୁ ଚାଲି ଆସିଲେ ।

ଅଳ୍ପ ସମୟ ମଧ୍ୟରେ ବଡ଼ ବଡ଼ ଟ୍ରଙ୍କ କେତେଟା ଲଦା ହେଲା ଆସି ଗାଡ଼ିରେ । ଦସ୍ୟୁମାନେ ଗୋଟି ଗୋଟି ହୋଇ ବସିଲାରୁ ମିଃ ଚୌଧୁରୀ ଛାଡ଼ିଦେଲେ ଗାଡ଼ି ପୁରା ସ୍ପୀଡ଼୍‌ରେ—ମହେନ୍ଦ୍ରଗଡ଼ ଅଭିମୁଖରେ । ଗାଡ଼ି ଫାଟକ ପାଖରେ ବ୍ରେକ୍ କଲାମାତ୍ରେ ଖପ୍‌ଖାପ୍ ଡେଇଁ ପଡ଼ିଲେ ଦସ୍ୟୁମାନେ । ଟ୍ରଙ୍କଗୁଡ଼ାକ ବୋହି ନିଆଗଲା ଭିତରକୁ । ଦସ୍ୟୁମାନେ ଗୋଟି ଗୋଟି ହୋଇ ଭିତରକୁ ଚାଲିଗଲେ । ମିଃ ଚୌଧୁରୀ ବି ।

ବହୁ ଦିନର ଇଚ୍ଛା ପୂର୍ଣ୍ଣ ହେଲା ମିଃ ଚୌଧୁରୀଙ୍କର । ମହେନ୍ଦ୍ର ଗଡ଼ । ସାବଧାନରେ ପ୍ରତ୍ୟେକ କୋଠରୀକୁ ତନ୍ନତନ୍ନ କରି ଦେଖୁଥିଲେ ସେ । ଗୋଟିଏ କୋଠରୀ କେବଳ ମାରଣାସ୍ତ୍ରରେ ପରିପୂର୍ଣ୍ଣ । ବନ୍ଧୁକଠାରୁ ବମ୍ ପର୍ଯ୍ୟନ୍ତ ସବୁ ପ୍ରକାର ଆଧୁନିକ ଭୀଷଣ ଅସ୍ତ୍ର ପରିପୂର୍ଣ୍ଣ ହୋଇଥିଲା ସେଥିରେ । ଆଉ ଗୋଟିଏ କୋଠରୀ କେବଳ ତରବାରୀ, ଖଣ୍ଡା, ଛୁରୀରେ ପୂର୍ଣ୍ଣ । ସବୁଗୁଡ଼ିକୁ ଲକ୍ଷ୍ୟକରି ଦେଖିବା ସଙ୍ଗେ ସଙ୍ଗେ ମିଃ ଚୌଧୁରୀ ଖୋଜୁଥିଲେ ବଳଦେବ ଭଞ୍ଜଙ୍କୁ । ସେ ଥିଲେ କଳାପୋଷାକରେ ସମ୍ପୂର୍ଣ୍ଣ ଆବୃତ । ତାଙ୍କୁ ଚିହ୍ନିପାରିବାର ଉପାୟ ନଥିଲା କାହାରି ।

ପାଖ କୋଠରୀରେ ଦସ୍ୟୁମାନଙ୍କର ଆମୋଦଶାଳା । ସମସ୍ତେ ଆନନ୍ଦରେ ଉନ୍ମତ୍ତ । କେତେଟା ମଦର ବୋତଲ ଗଡ଼ୁଛି । ମିଃ ଚୌଧୁରୀ ଭାବୁଥିଲେ 'ମଞ୍ଜୁଳା ଦେବୀ କେଉଁଠି ? ତେବେ ଦସ୍ୟୁ କଣ ତାଙ୍କୁ ଏଠାକୁ ଆଣିନାହିଁ ?' ସେପାଖରେ ପ୍ରକାଣ୍ଡ

କୋଠରୀଟାଏ । ଦରଜାରେ ବଡ଼ ତାଲାଟାଏ ପଡ଼ିଛି । ସେଇ କୋଠରୀ ଅତିକ୍ରମ କରି ଯାଉଥିଲେ ସେ । ଭିତରୁ ସୁଁ ସୁଁ କାନ୍ଦଣାର ଶବ୍ଦ ଶୁଣିପାରିଲେ । କାନ ପାତିଲେ ସେ । 'ଏ'ତ କାନ୍ଦଣା ଶବ୍ଦ ।' ଏଣିକି ତେଣିକି ଚାହିଁ ପକେଟରୁ ସବ୍‌ଖୋଲ୍ ଚାବି ବାହାର କରି ଚାବିଟା ଖୋଲିଦେଲେ ସେ । ଆଖପାଖରେ କେହି ନାହିଁ । ଧୀରେ ଧୀରେ କୋଠରୀ ଭିତରକୁ ଚାଲିଗଲେ ମି: ଚୌଧୁରୀ ।

ଘରର ଗୋଟାଏ କୋଣରେ ବନ୍ଧା ହୋଇ ପଡ଼ିଛନ୍ତି ମଞ୍ଜୁଳା ଦେବୀ । ତାଙ୍କ ପାଖକୁ ଯାଉଥିଲେ ମି: ଚୌଧୁରୀ । ମଞ୍ଜୁଳା ଦେବୀ ଆଗନ୍ତୁକଙ୍କୁ ଦସ୍ୟୁ ମନେକରି ଚିତ୍କାର କରିବାକୁ ଉଦ୍ୟତ ହେଉଥିଲେ । ପରମୁହୂର୍ତ୍ତରେ ନୀରବ ରହିବାକୁ ସଙ୍କେତ ପାଇ ସେ ଚୁପ୍ ହୋଇଗଲେ । ମି: ଚୌଧୁରୀ ତାଙ୍କ ସହିତ ଖୁବ୍ ଧୀରେ ଧୀରେ କଥାବାର୍ତ୍ତା ହେଉଥିଲେ । ତାଙ୍କୁ ସାନ୍ତ୍ୱନା ଦେଇ ପୁଣି ବାହାରକୁ ବାହାରି ଆସିଲେ ସେ ।

ବାହାରି ଆସିବାପରେ ହଠାତ୍ ଚାରିଜଣ ଲୋକ କୋଠରୀର କଡ଼ରୁ ବାହାରି ଧରିନେଇ କାବୁ କରିଦେଲେ ତାଙ୍କୁ । ମି: ଚୌଧୁରୀଙ୍କ ପକେଟରେ ଲୋଡ଼େଡ଼୍ ରିଭଲଭର୍ ଥିଲେ ବି ହଲ୍‌ଚଲ୍ ହେବାର ଉପାୟ ନ ଥିଲା । ଦସ୍ୟୁ ଚାରିଟାଙ୍କ ଅଟ୍ଟହାସ୍ୟରେ ଥରି ଉଠୁଥିଲା ପଥର ଘରଗୁଡ଼ାକ । ହତବୁଦ୍ଧି ହୋଇ ପଡ଼ୁଥିଲେ ମି: ଚୌଧୁରୀ । 'ନିଜର ସାମାନ୍ୟ ଭୁଲ ପାଇଁ ତାଙ୍କୁ ବି ଶୋଚନୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା' ଭାବି ଅନୁତାପ କରୁଥିଲେ ସେ । ତଥାପି ସେ ମନରୁ ସାହସ ହରାଇ ନଥିଲେ ।

ଦସ୍ୟୁମାନଙ୍କର ଘେର ଭିତରେ ତାଙ୍କୁ ନିଆଗଲା ସର୍ଦ୍ଦାରଙ୍କ କୋଠରୀକୁ, ବର୍ତ୍ତୃର ପାଇଁ । ସେ କୋଠରୀଟି ଥିଲା ଆକାରରେ ଯଥେଷ୍ଟ । ତାର ଗୋଟାଏ ପାଖକୁ ଉଚ୍ଚ ଆସନ ଉପରେ ପଞ୍ଜାବ ସିଂ ବସିଥିଲା । ତା'ର ତଳକୁ । ଦୁଇଟି ଆସନରେ ବସିଥିଲେ ପବନ ସିଂ, ଆଉ ନସିର ଖାଁ । ତଳ ଗାଲିଚାରେ ପ୍ରାୟ ତିରିଶ ଜଣ ପର୍ଯ୍ୟନ୍ତ ଦସ୍ୟୁ । ସମସ୍ତେ କଳାପୋଷାକରେ ଆବୃତ । ସମସ୍ତଙ୍କ ମୁହଁରେ ଥିଲା କଳାକନାର ମୁଖୋସ୍ ।

ମି: ଚୌଧୁରୀଙ୍କୁ ସେ ଘରେ ପ୍ରବେଶ କରାଇବା କ୍ଷଣି ହୋ ହୋ ହୋଇ ହସି ଉଠି କହିଲା ପଞ୍ଜାବ ସିଂ—"ସାବାସ୍ ଗୋଏନ୍ଦା-ପ୍ରବର । ଏଥର ଘରର ଖବର ଦେଇ ଆସିଛ ତ ?" ଏ କଥା ଶୁଣି ହେଁ ହେଁ ହୋଇ ହସିଉଠିଲେ ଦଳଟା ସାରା । "ଶୁଭାଗମନ କି ଉଦ୍ଦେଶ୍ୟରେ" ବଜ୍ରଗମ୍ଭୀର ସ୍ୱରରେ କହୁ କହୁ ଉଠିଆସିଲା ଆସନରୁ ।

"ଏଥର ତୋର ମୂଳପୋଛ କରିବା ପାଇଁ ଦସ୍ୟୁ" କହିଲେ ମି: ଚୌଧୁରୀ । ପୁଣି ଥରେ ହାଃ ହାଃ କରି ଉଠିଲା ପଞ୍ଜାବ ସିଂ । "ଏଥର ସେ ସାଧ କାହାର ନାହିଁ ମି: ଚୌଧୁରୀ ମଞ୍ଜୁଳା ଦେବୀଙ୍କୁ ସାନ୍ତ୍ୱନା ଦେଇ ଆସିଥିବୁ । ବର୍ତ୍ତୃରୀ ମୁକ୍ତି ଅପେକ୍ଷାରେ ଥିବ । ତେଣେ ଶୁଭଖବରକୁ ଅପେକ୍ଷା କରି ବସିଥିବେ ମି: ରାୟ । ମୁଁ ମଧ୍ୟ ତାର ଯଥାଯଥ ବନ୍ଦୋବସ୍ତ କରୁଛି ବନ୍ଧୁ, ତୋପର ଗୋଏନ୍ଦାର ମୁଣ୍ଡ ଧୂଳିସାତ୍ କରି ଦଅନ୍ତି ଏହି ମୁହୂର୍ତ୍ତରେ, କିନ୍ତୁ ତୋତେ ଗୋଟାଏ ଭୟାବହ ମୃତ୍ୟୁ ଦେବି ଆଉ ଦୁଇଦିନ ପରେ ଅମାବାସ୍ୟା । ସେ ଦିନ ତୋତେ ଅ

ବଳଦେବ ଭଞ୍ଜଙ୍କୁ ବଳି ଦେବ । ତା’ ପରେ ପବନ ସିଂ ସହିତ ମଞ୍ଜୁଳା ଦେବୀର ହେବ ବାହାଘର ।”

“ଅସମ୍ଭବ ।” ଚିତ୍କାର କରି ଉଠିଲେ ମିଃ ଚୌଧୁରୀ ।

ପୁଣି ପାଗଳ ପରି ହସି ଉଠିଲା ପଞ୍ଜାବ ସିଂ । “ନିର୍ବୋଧ ! ଅସମ୍ଭବ ଶବ୍ଦର ଅର୍ଥ କିଛି ଅଛି ବୋଲି ମୁଁ ଏପର୍ଯ୍ୟନ୍ତ ଜାଣେ ନା । ଏବେ ଗୋଏନ୍ଦାଗିରିର ପୁରସ୍କାର ପାଉଥା ।” କହିବା ସଙ୍ଗେ ସଙ୍ଗେ ଇସାରା କଲା ସେ । ଦୁଇଜଣ ଦସ୍ୟୁ ପକେଟରୁ ପିସ୍ତଲ ଖଣ୍ଡି ବାହାର କରି ନେଲେ ତାଙ୍କର ।

“ନିଆଁ ସାଙ୍ଗରେ ଖେଳିବାରେ କି ଆନନ୍ଦ, ତା ଏହି ଦୁଇଦିନ ମଧ୍ୟରେ ଟିକେ ଅନୁଭବ କର ମିଃ ଚୌଧୁରୀ ।” ଥଟ୍ଟା କରି କହିଲା ସର୍ଦ୍ଦାର । “ଗତ କେତେ ବର୍ଷ ଧରି ନିଆଁ ସାଙ୍ଗରେ ଖେଳି ଆସିଛି ଶୟତାନ । ଆଜି ସେ ଭୟରେ ମୁଁ ବିଚଳିତ ନୁହେଁ । ମନେରଖ, ମିଃ ଚୌଧୁରୀ ଜୀବିତ ଥିବା ପର୍ଯ୍ୟନ୍ତ ଅସମ୍ଭବ ଶବ୍ଦର ଅର୍ଥ ବୁଝାଇଥିବ ତୋତେ ।” କ୍ରୋଧରେ ଜର୍ଜର ହୋଇ କହୁଥିଲେ ମିଃ ଚୌଧୁରୀ ।

ପ୍ରଚଣ୍ଡ ଘୁଷିଟାଏ ବସିଲା ମିଃ ଚୌଧୁରୀଙ୍କର କାନମୁଣ୍ଡାରେ । ସେଇ ଆଘାତରେ ଢଳିପଡ଼ିଲେ ସେ ପଥର ଚଟାଣ ଉପରେ । ହାଃ ହାଃ କରି ହସି ଉଠିଲା ପଞ୍ଜାବ ସିଂ । “ପକାଇ ଦିଅ ଏଟାକୁ ମରଣ କୂପରେ ।” ଘଡ଼ଘଡ଼ି ପରି ଗର୍ଜିଉଠିଲା ସେ ।

ରାକ୍ଷସ ପରି ଦସ୍ୟୁ ଦୁଇଟା ମିଃ ଚୌଧୁରୀଙ୍କର ଅଚଳ ଦେହଟାକୁ ଟେକି ନେଇ ଚାଲିଗଲେ ଆଉ ଗୋଟାଏ କୋଠରୀକୁ ।

ଗୋଟାଏ କୋଣରେ ପଥର ଚଟାଣ ଖଣ୍ଡେ ଟେକି ଉଠାଇ ଦେଲେ ଦୁଇଜଣ । ପଥରର ପାହାଚଗୁଡ଼ା ଲମ୍ବି ଯାଇଛି ତଳକୁ ତଳକୁ । ଭିତରକୁ ଚାହିଁଲେ ଘୋର ଅନ୍ଧକାର । ସେଇ ଅନ୍ଧାର ପାହାଚ ଉପରେ ତଳକୁ ଠେଲି ଦେଲେ ମି· ଚୌଧୁରୀଙ୍କ ଅଚଳ ଦେହଟାକୁ । ସେଇଟି ଗଡ଼ି ଗଡ଼ି ଚାଲିଗଲା ତଳକୁ । "ଯାଅ ବାବା ଗୋଏନ୍ଦା ।" କହି ହସି ଉଠିଲେ ହୋ ହୋ ହୋଇ ଦସ୍ୟୁ ଚାରିଜଣ ।

ପୁରା ଶହେଟି ପାହାଚ ପରେ ମି. ଚୌଧୁରୀଙ୍କ ଦେହ ଛେଚିହୋଇ ଅଟକି ଗଲା ଗୋଟାଏ ସମତଳ ସ୍ଥାନରେ ।

## — ବାର —

ମିଃ ଚୌଧୁରୀଙ୍କର ହୋସ୍ ହେବାକ୍ଷଣି ଆଖି ଫିଟାଇ ଚାହିଁଲେ ସେ । ଚାରିଆଡ଼ େ କଟିକଟି ଅନ୍ଧାର । ଗୋଟାଏ ଉଗ୍ର ଗନ୍ଧରେ ନାକ ଫାଟି ପଡ଼ୁଛି । କ୍ରମେ ସବୁ ଘଟଣାଗୁଡ଼ାକ ମନେ ପଡ଼ିଗଲା ତାଙ୍କର । ଦୀର୍ଘ ନିଃଶ୍ୱାସଟାଏ ବାହାରି ଆସିଲା ତାଙ୍କ ଛାତିରୁ । ଭୂଇଁରେ ଭରସ ଦେଇ ଉଠିବାକୁ ଚେଷ୍ଟାକଲେ ସେ । ଉଠୁ ଉଠୁ ମୁହଁ ମାଡ଼ି ପଡ଼ିଗଲେ ସେ । ଦୁର୍ବଳତା କାରଣରୁ ମୁଣ୍ଡଟା ଝିମି ଝିମି ହୋଇ ଯାଉଥିଲା ତାଙ୍କର । ପୁଣି ଥରେ ବହୁତ ଚେଷ୍ଟାକରି ବଡ଼ କଷ୍ଟରେ ଉଠି ଠିଆହେଲେ ସେ । ହାତରେ ଅଣ୍ଡାଳି ଅଣ୍ଡାଳି ସାରା କୋଠରୀ ଯାକ ବୁଲୁଥିଲେ ସେ । ଗୋଡ଼ ତଳେ ତାଙ୍କର ପଶୁ ମଡ଼ାଗୁଡ଼ାକ । ନିଜର ଶୋଚନୀୟ ଅବସ୍ଥା କଥା ଭାବି ବଡ଼ ହତାଶ ହୋଇ ପଡ଼ୁଥିଲେ ମିଃ ଚୌଧୁରୀ । ଅନିଚ୍ଛାରେ ଲୁହ ଦୁଇଧାର ଝର ଝର ହୋଇ ବହି ଆସିଲା ତାଙ୍କ ଆଖିରୁ । ପଥରର ପ୍ରକାଣ୍ଡ ଖୁଣ୍ଟିଟାଏ ପଡ଼ିଲା ତାଙ୍କ ହାତରେ । ତଳ ପର୍ଯ୍ୟନ୍ତ ସେଟାକୁ ଅଣ୍ଡାଳି ପକାଉଥିଲେ ସେ । "ଏ କଣ ? ମଣିଷଟାଏ ! ମୁଣ୍ଡଠାରୁ ତାର ଗୋଡ଼ ପର୍ଯ୍ୟନ୍ତ ଛୁଇଁ ଯାଉଥିଲେ ମିଃ ଚୌଧୁରୀ । ଭୂତ ନୁହେଁ ତ ! "କିଏ ତୁ ?" ଚିତ୍କାର କରିଉଠିଲେ ସେ । "ହାଃ ହାଃ । ହାଃ ହାଃ ।

ମୃତ୍ୟୁର ଗର୍ତ୍ତିରେ ପଶି ଆଜ ପରିଚୟ ଲୁଚେଇବାର ଆବଶ୍ୟକ କଣ ?
ହତଭାଗ୍ୟ !" ଉତ୍ତର ଆସିଲା ଅଭ ମୂମୂର୍ଷୁ କଣ୍ଠରୁ ।

'ସତ୍ୟ ନା ମାୟା' ଅନୁମାନ କରି ପାରୁ ନ ଥିଲେ ମିଃ ଚୌଧୁରୀ । ଏ ଗର୍ତ୍ତି ଭିତରେ ପୁଣି ମନୁଷ୍ୟ ଜୀବିତ ରହିପାରେ, ତା ସେ ଭାବିପାରୁ ନଥିଲେ । ଯାହା ହେଉ, ମନୁଷ୍ୟର ସତ୍ତା ଯେ ତାଙ୍କ ପ୍ରାଣରେ ସାହସ ଦେଇଥିଲା, ଏଥିରେ ସନ୍ଦେହ ନାହିଁ ।

"କିଏ ତୁମେ ?" ପୁଣିଥରେ ପ୍ରଶ୍ନର ପୁନରାବୃତ୍ତି କଲେ ମିଃ ଚୌଧୁରୀ । ବିସ୍ମୟ ଓ ଭୟରେ ଆଖି ଦୁଇଟା ବିସ୍ଫାରିତ ହୋଇ ଯାଇଥିଲା ତାଙ୍କର ।

"ମୁଁ ଏ ବିରାଟ ପ୍ରାସାଦର ମାଲିକ, ଆଜ ବର୍ତ୍ତିମାନ ବନ୍ଦୀ ଗହ୍ବରରେ ମୃତ୍ୟୁକୁ ସାଦର ସ୍ୱାଗତ କରୁଥିବା ବଳଦେବ ଭଞ୍ଜ । ତୁମେ ?"

ପରିଚୟ ପାଇ ଆକାଶରୁ ଖସିପଡ଼ିଲେ ଯେପରି ମିଃ ଚୌଧୁରୀ ! ବଳଦେବ ଭଞ୍ଜ ! ସେତ ଏ ନାଟକର ପ୍ରଧାନ ଅଭିନେତା ବୋଲି ତାଙ୍କର ଧାରଣା ଥିଲା । ତେବେ ଏସବୁ କଣ କିଛି ଗୋଟାଏ ନୂଆ ଫନ୍ଦ । ତଥାପି ସାହସ ସଞ୍ଚୟକରି ସେ ଉତ୍ତର ଦେଲେ—"ମୁଁ ଡିଟେକ୍‌ଟିଭ୍ ମିଃ ଚୌଧୁରୀ ।"

"ମିଃ ଚୌଧୁରୀ !" ବିସ୍ମୟରେ ଚିତ୍କାର କରିଉଠିଲେ ବଳଦେବ ଭଞ୍ଜ । ଏଥର ଦୁଃଖ ଘୁଞ୍ଚିଲା ଦେଶବାସୀଙ୍କର । ମୁଁ ସେହିପରି ଗୋଟିଏ ଲୋକ ଖୋଜୁଥିଲି । ଯାହାକୁ କି ମୋର ସମସ୍ତ ଇତିହାସ ଶୁଣାଇବି । ଶୁଣ—

"ମୁଁ ଥିଲି ଜମିଦାର । ସାଧୁ ଥିଲା ମୋର ଅତି ବିଶ୍ୱାସୀ ପାଖଲୋକ । ତାର ଅନ୍ତରଙ୍ଗ ଥିଲା ଏଇ ଗାଁର ଜଗା । ସାଧୁର ଅନୁରୋଧରେ ଜଗା ଦିନେ ଏଇ ଜଳସରେ ରାତି କଟାଇଥିଲା । ସେ ଦିନ ରାତିରେ ସାଧୁର କ'ଣ ହେଲା କେଜାଣି, ସେ ମୋତେ କହିଲା ବାବୁ । ଆମେ ଏ ଘର ଛାଡ଼ି ଚାଲିଯିବା ଆଜି କେଉଁଠିକୁ । ଏଠି ଭୂତ ଗୁଡ଼ାକ ରହିଲେଣି । ମୁଁ ଆଜି ଦେଖିଲି, ଜଗା ବି ।" ତାର କଥାରେ ମୋର ଅବିଶ୍ୱାସ ନ ହେଲେ ବି ସେଥିରେ ମୁଁ ବିଶେଷ ଗୁରୁତ୍ୱ ଦେଲିନାହିଁ । ଠିକ୍ ଦିନେ ଦୁଇଦିନ ପରେ ସାଧୁର ଦେହ ଗଛରେ ଝୁଲୁଥିବାର ଖବର ପାଇଲି । ସେହିଦିନ ରାତି ଅଧରେ ଦଳେ ଲୋକ ଏଠାରେ ପଶି ଯାହା ଥିଲା ସବୁ ଲୁଟ୍ କରି ନେଲେ । ଆଉ ମୋତେ ଏଇଠି ବନ୍ଦୀକରି ରଖିଲେ, ସବୁଦିନ ପାଇଁ । ସେ ଦଳରେ ଜଗା ବି ଥିଲା । ଆଜି ସାଧୁର ମୃତ୍ୟୁର କାରଣ କଣ ଥିଲା ବୁଝିପାରୁଛି ।

ମୋତେ ବନ୍ଦୀ କରି ଅଟକାଇ ପାରିବାର ସାଧ ଏ ଦସ୍ୟୁ ଦଳର ନଥାନ୍ତା, ଯଦି ସେମାନେ ମୋର ହାତ ଗୋଡ଼ ବାନ୍ଧି ଦେଇ ନଥାନ୍ତେ । ଏ ପ୍ରାସାଦ ଥିଲା ଆମର ପୂର୍ବପୁରୁଷଙ୍କ ତିଆରି । ଏଇଠା ଥିଲା ଗୁପ୍ତ ସୁଡ଼ଙ୍ଗର ବାଟ । ସେ କଥା ଆମର ଅତି ବିଶ୍ୱାସୀ କେତେ ଜଣ ଛଡ଼ା ଆଉ ସମସ୍ତଙ୍କୁ ଅଜଣା ଥାଏ । ତୁମେ ମୁକ୍ତି ପାଇବାକୁ ଇଚ୍ଛାକର ତ ଯାଇ ପାରିବ ଏଠୁଁ ?"

ବଳଦେବ ଭଞ୍ଜଙ୍କର କଥା ଶୁଣି ମି. ଚୌଧୁରୀଙ୍କ ନିରାଶ ହୃଦୟରେ ଆଶାର ଆଲୋକରେଖା ଦିକିଦିକି ହୋଇ ଜଳି ଉଠୁଥିଲା । ମୁକ୍ତିପାଇଁ ସେ ବଡ଼ ବ୍ୟାକୁଳ ହୋଇ ପଡୁଥିଲେ ପ୍ରକୃତରେ । ମୁକ୍ତି ଆଶାରେ ମନ ତାଙ୍କର ନାଚି ଉଠୁଥିଲା

ଅନନ୍ଦରେ । "କଣ କରିବାକୁ ହେବ କୁହନ୍ତୁ ମୋତେ ।" କହୁ କହୁ ହାତ, ଗୋଡ଼ରୁ ଦଉଡ଼ି ଗୁଡ଼ାକୁ ଫିଟାଉଥିଲେ ବଳଦେବ ଭଞ୍ଜଙ୍କର ମିଃ ଚୌଧୁରୀ ।

"ଦେଖନ୍ତୁ ! ଠିକ୍ ମୋର ପାଦତଳେ ଅଛି ପଥର ଖଣ୍ଡେ । ସେ ଖଣ୍ଡିକ ଉଠାଅ । ତାର ତଳେ ଅଛି ଲୁହାର ଚକ୍ରଟିଏ । ସେଇଟାକୁ ଦାବି ଦିଅ ଖୁବ୍ ଜୋର୍‌ରେ । ତା ପର ସିଧା ପୂର୍ବଦିଗକୁ ଯାଅ । ସେଇଠି ଅଛି ସୁଡ଼ଙ୍ଗ । ସେଥିରେ ପ୍ରାୟ ମାଇଲ୍‌ଏ ଯିବାକୁ ପଡ଼ିବ ତୁମକୁ । ତା'ପରେ ତୁମେ ପାଇବ ମୁକ୍ତ ପବନର ସ୍ପର୍ଶ, ପାହାଡ଼ ଗୁହାରୁ । ସେ ସ୍ଥାନ ସମ୍ପୂର୍ଣ୍ଣ ନିର୍ଜନ । ତୁମେ ଅକ୍ଲେଶରେ ଖସି ଯାଇ ପାରିବ । ଯାଅ, ଆଉ ଡେରି କର ନାହିଁ ।" କ୍ଲାନ୍ତ ହୋଇ ପଡ଼ିଥିଲେ ବଳଦେବ ଭଞ୍ଜ ।

"ଆଉ ଆପଣ ?" ବିସ୍ମିତ ହୋଇ ପଚାରିଲେ ମିଃ ଚୌଧୁରୀ ।

"ମୋ କଥା ପରେ; ମିଃ ଚୌଧୁରୀ । ଦସ୍ୟୁ ହୁଏତ ମୋ ନିକଟକୁ ଆଜି ଆସିପାରେ । ମୋତେ ସେ ଏଠି ନଦେଖିଲେ ସାବଧାନ ହୋଇଯାଇପାରେ । ତେବେ ଦସ୍ୟୁ ମୋତେ ଅମାବାସ୍ୟା ପର୍ଯ୍ୟନ୍ତ ସମୟ ଦେଇଛି । ସେଦିନ ମୋତେ କାଳୀଙ୍କ ପାଖରେ ବଳିଦେବ । ତା' ପରେ ହେବ କୌଣସି ଅଭାଗୀ ସହିତ ବିବାହ । ତୁମେ ଚାଲିଯାଅ । ଆଉ ଡେରି କର ନାହିଁ । ଅମାବାସ୍ୟା ଦିନ ମୋତେ ଉଦ୍ଧାର କର । ଯାଅ ।"

ସୁଡ଼ଙ୍ଗ ବାଟ ଦେଇ ବେଗି ବେଗି ଆଗେଇ ଯାଉଥିଲେ ମିଃ ଚୌଧୁରୀ । ସୁଡ଼ଙ୍ଗ ଭିତରଟା ଘୋର ଅନ୍ଧାର । ତଳ ସନ୍ତସନ୍ତିଆ ।

କି ପ୍ରକାରର ଗୋଟାଏ ଗରମ ବାମ୍ପ ବାହାରୁଛି ତା ଭିତରୁ । ତଥାପି ପାଗଳ ପରି ଛୁଟି ଚାଲି ଯାଉଛନ୍ତି ସେ । ମୁକ୍ତିର ଆଶା ତାଙ୍କୁ ଉନ୍ମାଦ କରି ଦେଇଛି ସତେ ଯେମିତି ।

ସୁଡ଼ଙ୍ଗ ଭିତର ଦେଇ ବାଟ ମାଇଲିଏ ଯାଏ ଗଲାପରେ ମି. ଚୌଧୁରୀ ଶୀତଳ ବାୟୁର ସ୍ପର୍ଶ ଅନୁଭବ କଲେ । ସୁଡ଼ଙ୍ଗ ଶେଷ ହେବାକୁ ଆଉ ବେଶୀ ବାଟ ନାହିଁ । ନୂତନ ଉତ୍ସାହ ତାଙ୍କର ଠଳ ଠଳ ପାଦ ଦୁଇଟିରେ ବଳ ଅଜାଡ଼ି ଦେଲା ଯେମିତି । ଏଣିକି ସୁଡ଼ଙ୍ଗ ରାସ୍ତାଟା ଉଠାଣି ଜଣାଗଲା । ସେଥିପର କିଛି ବାଟ ଗଲା ପରେ ଅଳ୍ପ ଫରଚୁ ଦିଶିଲା । ଆନନ୍ଦରେ ଅଧୀର ହୋଇ ଉଠିଲେ ମି. ଚୌଧୁରୀ । ଏକରକମ ଦୌଡ଼ି ଦୌଡ଼ି ଚାଲିଗଲେ ସେ ଆଗକୁ । ଆଲୋକ । ରେଖା ଦେଖାଗଲା 'ଉଃ । ଭଗବାନ୍ !' ଗୁହା ଭିତରେ ପହଞ୍ଚି ସାରିଥିଲେ ସେତେବେଳକୁ ମିଃ ଚୌଧୁରୀ ।

ସୂର୍ଯ୍ୟ ଅସ୍ତ ହେବାକୁ ଯାଉଥିଲେ ସେତେବେଳକୁ । ଅସ୍ତରବିର ନାଲି କିରଣ ବାଝିହୋଇ ପଡ଼ିଥିଲା ଗୁହାସାରା । ଗୁହାର ଦ୍ୱାରକୁ ଆସି ଚାହିଁଲେ ମିଃ ଚୌଧୁରୀ । ମହେନ୍ଦ୍ର ଗଡ଼ ଛାହିଁ ଦେଢ଼ ମାଇଲ ଦୂରରେ କୁହୁଡ଼ିର ପତଳା ଆବରଣ ତଳେ ଆତ୍ମଗୋପନର ଚେଷ୍ଟା କରୁଛି । ସେ ଅଡ଼କୁ ଚାହିଁ ସେ ଦାନ୍ତ ଦାବିଲେ । 'ସନ୍ଧ୍ୟା ନ ହେବା ପର୍ଯ୍ୟନ୍ତ ବାହାରକୁ ଯିବା ନିରାପଦ ନୁହେଁ' ଭାବି ସେଇଠି ଅପେକ୍ଷା କରି ରହିଲେ ମିଃ ଚୌଧୁରୀ ।

× × × ×

ମିଃ ଚୌଧୁରୀଙ୍କ ଅନୁପସ୍ଥିତିରେ ବଡ଼ ବ୍ୟସ୍ତ ହୋଇପଡ଼ୁଥିଲେ ଏସ୍. ପି, ଆଉ ଶରତ୍ । ଯ୍ବା ଭିତରେ ଅନୁସନ୍ଧାନ ପାଇଁ ଆସି ସାରିଥିଲେ କଲିକତାର ବିଖ୍ୟାତ ଡିଟେକ୍ଟିଭ୍ ମିଃ ଆଲବର୍ଟ । ସେଦିନ ସନ୍ଧ୍ୟାପରେ ତିନିଜଣଙ୍କର ଆଲୋଚନା ହେଉଥିଲା । "ବର୍ତ୍ତମାନ କଣ କରିବାକୁ ହେବ ?" କିନ୍ତୁ କେହି ସିଦ୍ଧାନ୍ତରେ ପହଞ୍ଚି ପାରୁ ନ ଥିଲେ ।

ଏ ସମୟରେ ଝଡ଼ ପରି ପହଁଞ୍ଚିଗଲେ ମିଃ ଚୌଧୁରୀ । ବେଶ ପୋଷାକରେ ଘୋର ପରିବର୍ତ୍ତନ । ଯେ କେହି ଦେଖିଲେ ପାଗଳଟାଏ ବୋଲି ଅନୁମାନ କରିବ । ତାଙ୍କୁ ଦେଖି ବିସ୍ମିତ ହୋଇ ପଡ଼ିଥିଲେ ତିନିଜଣଯାକ । କାହାର ମୁହଁରେ କେହି ମୁହୂର୍ତ୍ତିକ ପାଇଁ ଭାଷା ଉଚ୍ଚାରଣ କରିପାରିଲେ ନାହିଁ ।

"କଣ ହୋଇଛି ଆପଣଙ୍କର ମିଃ ଚୌଧୁରୀ ।" ପ୍ରଥମେ ନୀରବତା ଭଙ୍ଗ କଲେ ଏସ୍. ପି. ।

"କିଛି ନାହିଁ ସାର୍ । ଏଇ ମାତ୍ର ସିଧା ମରଣ ମୁହଁରୁ ।" ସ୍ମିତ ହସି କହିଲେ ମିଃ ଚୌଧୁରୀ ।

ଘଟଣାଗୁଡ଼ିକ ଗୋଟି ଗୋଟି କରି ବର୍ଣ୍ଣନା କରୁଥିଲେ ମିଃ ଚୌଧୁରୀ ।

## —ତେର—

ସେ ଦିନ ଅମାବାସ୍ୟାର ଗାଢ଼ ଅନ୍ଧାର ରାତି । ଦଶଟା ବାଜିବା ସଙ୍ଗେ ସଙ୍ଗେ ଚାରିଦଳ ସୁଶିକ୍ଷିତ, ସଶସ୍ତ୍ର ପୋଲିସ୍ ନିଃଶବ୍ଦରେ ଆଗେଇ ଚାଲିଥିଲେ ମହେନ୍ଦ୍ରଗଡ଼ ଆଡ଼କୁ । ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ । 'ଜୟ ବା ମୃତ୍ୟୁ' କିଛି ଗୋଟାଏ ଘଟିବ ନିଶ୍ଚୟ । ଏଡ଼େ ବିରାଟ ଆୟୋଜନ ଅଳ୍ପ କେତେଜଣ ଉଚ୍ଚ ପାହ୍ୟା ପୋଲିସ୍ ଅଫିସରଙ୍କ ବ୍ୟତୀତ ଅଜ୍ଞାତ ଥିଲା ଅନ୍ୟମାନଙ୍କୁ । ଦଳର ନେତୃତ୍ୱ ନେଇଥିଲେ ମିଃ ଚୌଧୁରୀ, ମିଃ ଆଲବର୍ଟ ଏସ୍. ପି, ଆଉ ଶରତ୍ ।

ମହେନ୍ଦ୍ରଗଡ଼ଠାରୁ ଅଧମାଇଲ୍ଏ ଦୂରରେ ଦଳ ଚାରିଟି ଚାରି ଦିଗକୁ ଗତି କଲେ । ପ୍ରଥମ ଦଳକୁ ମିଃ ଚୌଧୁରୀ ଆଗେଇ ନେଉଥିଲେ ସୁଡ଼ଙ୍ଗ ବାଟଦେଇ । ଦ୍ୱିତୀୟ ଦଳ ଏସ୍. ପିଃ—ସମୁଦାୟ ଗଡ଼କୁ ଘେରାଉ କରିବାପାଇଁ । ତୃତୀୟ ଦଳ ମିଃ ଆଲବର୍ଟ, କାଳୀ ମନ୍ଦିର ଘେରାଉପାଇଁ ଓ ଚତୁର୍ଥଦଳ ଶରତ୍—ଗୁପ୍ତରାସ୍ତା ଜଗି । ଏ ବିରାଟ ଆୟୋଜନର ପତ୍ତା ଲେଶମାତ୍ର ପାଇପାରି ନଥିଲେ ଦସ୍ୟୁଦଳ ।

ବାରଟା ବାଜିଲାବେଳକୁ ଯଥା ସ୍ଥାନରେ ସଜ୍ଜିତ ହୋଇ ରହି ସାରିଥିଲେ ପୋଲିସ୍‌ବାହିନୀ । କ୍ରମେ ରାତ ଅଧିକ ହେବା ସଙ୍ଗେ ମହେନ୍ଦ୍ର ଗଡ଼ର ପ୍ରତି ପଥର ଖଣ୍ଡଟି ସୁଦ୍ଧା ସଜୀବ ହୋଇ ଉଠୁଥିଲା । ଏଣେ ଗଡ଼ ଭିତରେ ଶୁଭ ବିବାହର, ତେଣେ ମନ୍ଦିରରେ କାଳି ପୂଜାର ବିରାଟ ଆୟୋଜନ । ସମସ୍ତେ କାର୍ଯ୍ୟ ବ୍ୟସ୍ତ । ଗୋଟାଏ କୋଠରୀରେ ସର୍ଦ୍ଦାର ପଞ୍ଜାବ ସିଂ, ନସିର ଖାଁ ପ୍ରଭୃତି ଆମୋଦ ପ୍ରମୋଦରେ ରତ । ଚରଶତ୍ରୁ ମି: ଚୌଧୁରୀ ସେମାନଙ୍କର ଅଯୁତ୍ତରେ । ତା'ର ଜୀବନାବସାନ ହେବାକୁ ଯାଉଛି ଆଜି । ଆଉ ଚିନ୍ତା କଣ ?

ହାତକୁ ହାତ ଧରାଧରି ହୋଇ ସୁଡ଼ଙ୍ଗ ଭିତରେ ଆଗେଇ ଯାଉଥିଲେ ମି: ଚୌଧୁରୀ, ଆଉ ତାଙ୍କ ପଛକୁ ପୋଲିସ୍ ବାହିନୀ । ପ୍ରାୟ ଘଣ୍ଟାଏ ପରେ ବନ୍ଦୀକୋଠରୀରେ ପହଞ୍ଚିଲେ ସେମାନେ । ଏଠାରୁ ଉପରକୁ ଉଠିବାକୁ ହେବ । ମି: ଚୌଧୁରୀ ଶୀଘ୍ର ମୁକ୍ତ କରିଦେଲେ ବଳଦେବ ଭଞ୍ଜଙ୍କୁ । ଦୁଇଜଣ ପୋଲିସ ତାଙ୍କର ଦୁଇହାତ ଧରି ଉପରକୁ ଉଠିବାରେ ସାହାଯ୍ୟ କଲେ ।

'ମୁଣ୍ଡ ଉପରେ ପଥର ଚଟାଣ । ଏଇଠୁ କୋଠରୀ ଆରମ୍ଭ ତେବେ ।' ଅନୁମାନ କଲେ ମି: ଚୌଧୁରୀ । ହାତରେ ଟେକାଟେକି କରି ନିକଟରେ ପଥର ଖଣ୍ଡ ଉଠାଇ ଗୋଟି ଗୋଟି ହୋଇ ବାହାରି ଆସିଲେ । ଉଆସର ପ୍ରଧାନ ପ୍ରଧାନ ସ୍ଥାନମାନଙ୍କରେ ଜଗିଗଲେ ସୁଶିକ୍ଷିତ ପୋଲିସ୍ । ମି: ଚୌଧୁରୀ ବଡ଼ ଚଞ୍ଚଳ ହୋଇପଡ଼ୁଥିଲେ । ମଞ୍ଜୁଳା ଦେବୀଙ୍କୁ କପରି ଶୀଘ୍ର ମୁକ୍ତ କରିବାକୁ ହେବ । ସେ କୋଠରୀ ନିକଟକୁ ଧାଇଁ ଗଲେ ସେ । କିନ୍ତୁ କାହିଁ ? ଦ୍ୱାର ଖୋଲା । ଗୁପ୍ତ ଆଲୋକ ପକାଇ ଦେଖିଲେ,

କୋଠରୀ ଶୂନ୍ୟ । "ତେବେ କଣ ମଞ୍ଜୁଳା ଦେବୀ ସ୍ଥାନାନ୍ତରିତ ?" କୋଠରୀର ବାହାରକୁ ଆସି ଅନ୍ଧାରରେ ଠିଆ ହୋଇ ଚିନ୍ତା କରୁଥିଲେ ସେ — "କଣ କରିବାକୁ ହେବ ବର୍ତ୍ତମାନ ?" ଚିନ୍ତାର ଅଧୈର୍ଯ୍ୟରେ କପାଳରେ ବିନ୍ଦୁ ବିନ୍ଦୁ ଝାଳ ଫୁଟି ଉଠୁଥିଲା ତାଙ୍କର ।

ହଠାତ୍ ଦୃଷ୍ଟିଚ୍ଛେଦ ପଡ଼ିଗଲା ତାଙ୍କ ଚିନ୍ତାରେ, ଉପର ମହଲାରୁ ନାରୀ କଣ୍ଠର ଆର୍ତ୍ତ ଚିତ୍କାର ଶୁଣି । ମସ୍ତିଷ୍କ ମଧ୍ୟରେ ନାନା ପ୍ରକାର ଆଶଙ୍କା ସୃଷ୍ଟି ହୋଇଗଲା ମିଃ ଚୌଧୁରୀଙ୍କ ମନରେ । ଆଗରେ ଉପର ମହଲାକୁ ସିଡ଼ିର ରାସ୍ତା । ପିସ୍ତଲଟା ଥରେ ଭଲଭାବରେ ପରୀକ୍ଷା କରି ନେଇ ପାହାଚ ଉପରେ ଦ୍ରୁତ ପଦରେ ଆଗେଇ ଗଲେ ମିଃ ଚୌଧୁରୀ । ଗୋଟିଏ କୋଠରୀ ବ୍ୟତୀତ ସମୁଦାୟ ଉପର ମହଲାଟା ଥିଲା ଘୋର ଅନ୍ଧାର । ସେହି କୋଠରୀକୁ ଲକ୍ଷ କରି ସତର୍କ ଅଥଚ ଦ୍ରୁତ ପଦରେ ଯାଉଥିଲେ ସେ ।

କୋଠରୀର ପାଖରେ କେହି ନାହିଁ । ଭିତରେ ପୁରୁଷ କଣ୍ଠର କଠୋର ସ୍ୱର, ଅଉ ନାରୀର କାତର ପ୍ରାର୍ଥନା ଶୁଭୁଛି ଯାହା । ଭିତରୁ କବାଟ ବନ୍ଦ । ଚତୁଷ୍ପଟ ଯାକ ବୁଲି ମିଃ ଚୌଧୁରୀ ଖୋଜୁଥିଲେ; ରାସ୍ତା ନାହିଁ ସେଥିରେ । ପଥର ତିଆରି ଜାଲି ଝରକା ନିକଟରେ ଠିଆ ହେଲେ ସେ । ଜାଲି ଫାଙ୍କରେ ସେ ଦେଖୁଥିଲେ ଭିତରକୁ । ଘର ଭିତରେ ଗୋଟାଏ କଣକୁ ଅସହାୟ ଅବସ୍ଥାରେ ଠିଆ ହୋଇଛନ୍ତି ମଞ୍ଜୁଳା ଦେବୀ । ମଝି.ରେ ପନେ ସିଂ । ଲାଲସାରେ ଆଖି ଦୁଇଟା ଚକ୍ ଚକ୍ କରି ଉଠୁଛି ତାର । ଧୀରେ ଧୀରେ ଆଗେଇ ଆସୁଥିଲା ସେ ମଞ୍ଜୁଳା ଦେବୀଙ୍କ ନିକଟକୁ ।

"ବୃଥା ଚିତ୍କାରର ମୂଲ୍ୟ କିଛି ନାହିଁ ମଞ୍ଜୁଳା । ଆଜି ଜୀବନଟାକୁ ଉପଭୋଗ କରିବା ପାଇଁ ସବୁ ପ୍ରକାର ଉପାଦାନ ସାଇତି ରଖିଛି ତୁମପାଇଁ ମୁଁ ।"

"ଚୁପ୍ କର, ନମକ୍ ହାରମ୍ ।" ନାଗୁଣୀ ପରି ଗର୍ଜନ କରି ଉଠିଲେ ମଞ୍ଜୁଳା ଦେବୀ । ପ୍ରଚଣ୍ଡ ହସଟାଏ ହସି ପବନ ସିଂ ଧରିଲେ ତାଙ୍କ ହାତକୁ । ଚିତ୍କାର କରି ଉଠିଲେ ମଞ୍ଜୁଳା ଦେବୀ । ଦସ୍ୟୁ ତାଙ୍କୁ ଟାଣି ଆଣୁଥିଲା ନିଜ ଅଙ୍କକୁ ।

ଏ ବିଭତ୍ସ, ପାଶବିକ ଦୃଶ୍ୟ ଦେଖି ସିଂହର ବିକ୍ରମ ଆସି ଯାଇଥିଲା ମିଃ ଚୌଧୁରୀଙ୍କ ଦେହରେ । ଶକ୍ତ ଏକ ଧକ୍କା ଦେଲେ ସେ ପଥର କାଳି ଦୁଆରକୁ । ମଡ୍ ମଡ୍ କରି ଭାଙ୍ଗି ପଡ଼ିଲା ସେଟା । ଝପ୍ କରି ଉଦ୍ୟତ ପିସ୍ତଲ ହାତରେ ଭିତରକୁ କୁଦିପଡ଼ିଲେ ସେ—"ହାତ ଉଠାଅ ଶୟତାନ ।" ବଜ୍ରଗମ୍ଭୀର କଣ୍ଠରେ ଆଦେଶ ଦେଲେ ସେ ।

ଆଖି ଆଗରେ ମଣିଷ ଯମକୁ ଦେଖିଲେ ବି ଏତେଦୂର ଭୟଭୀତ ହୋଇ ଥିବ କି ନା ? ପବନ ସିଂ ବିସ୍ମିତ ହୋଇ ଗୁହିଁ ରହିଥିଲା ମି. ଚୌଧୁରୀଙ୍କ ଆଡ଼କୁ । ପାଟିରୁ ତାର ଅଜ୍ଞାତରେ ବାହାରି ଆସିଲା—"ମି. ଚୌଧୁରୀ ।" ଭୁଲିଯାଇଥିଲା ଠେକି ହୋଇଯାଉଥିଲା କ୍ରମେ କ୍ରମେ ଉପରକୁ ତାର ।

"ହଁ, ମିଃ ଚୌଧୁରୀ, ଯାହାକୁ ମୃତ୍ୟୁ ବି ଭୟକରେ । ଏବେ ହାତ ଉପରକୁ ଉଠାଅ ତ ?" ପୁଣିଥରେ କଠୋର କଣ୍ଠରେ ଆଦେଶ ଦେଲେ ମି. ଚୌଧୁରୀ ।

ଭଦ୍ରଲୋକଙ୍କ ପରି ଉପରକୁ ହାତଟି ଉଠାଇଦେବା ଛଡ଼ା ଅନ୍ୟ ଉପାୟ ନ ଥିଲା ପବନ ସିଂର । ମି. ଚୌଧୁରୀ ତା ପାଖକୁ ଧୀରେ ଧୀରେ ଯାଇ ଠିଆ ହେଲେ । କଠୋର ଭାବରେ ତାର ମୁହଁକୁ ଉହୁଁ ଟେକି ଏକ ଘୁଷି ଅଗ୍ନିନଳ ବସାଇଦେଲେ ତାର କାନମୂଳରେ । ସେତିକିବେଳେ ବେହୋସ ହୋଇ ଢଳେ ଲୋଟି ପଡ଼ିଲା ସେ । ପକେଟରୁ ଦଉଡ଼ି ବାହାର କରି ତାର ହାତ ଗୋଡ଼ ଶକ୍ତ ଭାବରେ ବାନ୍ଧି ଦେଲେ ମି. ଚୌଧୁରୀ । ସଙ୍ଗେ ସଙ୍ଗେ ମଞ୍ଜୁଳା ଦେବୀଙ୍କୁ ବାହାରକୁ ନେଇଆସି କବାଟରେ ଶିକୁଳି ଲଗାଇ ଦେଲେ । ମଞ୍ଜୁଳା ଦେବୀଙ୍କ ଅବସ୍ଥା ସେତେବେଳକୁ ମୂର୍ଚ୍ଛା ପ୍ରାୟ ।

ଏଣେ ମହାଆନନ୍ଦରେ ମାତିରହିଥିଲେ ସର୍ଦ୍ଦାର ପଞ୍ଜାବ ସିଂ, ଅନ୍ୟ ଦସ୍ୟୁ କେତେଜଣ, ଶିକାରର ଯନ୍ତ୍ରା ଭିତରେ ଯେ ସେମାନେ ପଶି ସାରିଲେଣି, ଏକଥା ଥିଲା ସେମାନଙ୍କୁ ଅଜ୍ଞାତ । ମିଃ ଚୌଧୁରୀ ଅସ୍ତ୍ର ଶସ୍ତ୍ର ଥିବା କୋଠରୀରେ କଡ଼ା ପହରା ଲଗାଇ ଦେଖୁଥିଲେ ଏମାନଙ୍କର କାର୍ଯ୍ୟ କଳାପ ।

ଏତିକି ବେଳେ ଦ୍ରୁତ ପଦରେ ପଶିଆସିଲା ଜଣେ କଳା ପୋଷାକ ଧାରୀ ଦସ୍ୟୁ । କୋଠରୀ ଭିତରେ ପ୍ରବେଶ କରି ଅଭିବାଦନ କରି କହିଲା—"ସବୁ ପ୍ରସ୍ତୁତ ସର୍ଦ୍ଦାର !"

ଏ କଥା ପଦକ ଶୁଣି ପଞ୍ଜାବ ସିଂ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲା ଯେପରି । "ସବୁ ପ୍ରସ୍ତୁତ ! ବେଶ୍ ! ତେବେ ନେଇ ଆସ ଗୋଇନ୍ଦା ପ୍ରବରଙ୍କୁ, ଶେଷ ଥର ପାଇଁ ଟିକେ ଦେଖା କରିନେବା ।"

"ମୁଁ ନିଜେ ଦେଖା କରିବାକୁ ଆସିଛୁ ପଞ୍ଜାବ ସିଂ। ଯେଣା ଆସିବାର ଦରକାର ହେବନାହିଁ ବୋଧ ହୁଏ ? ଏବେ ହାତ ଉଠାଅତ ଦେଖି ?" ଦୁଇ ହାତରେ ଦୁଇଟା ରିଭଲଭର ଦେଖାଇ ଦୁଆରେ ଠିଆହୋଇ କହୁଥିଲେ ମିଃ ଚୌଧୁରୀ। ନିର୍ବାକ୍ ହୋଇ ଚାହିଁଥିଲେ ଦସ୍ୟୁ କେତେଜଣ, ଆଜ ସର୍ଦ୍ଦାର ପଞ୍ଜାବ ସିଂ।

"ଆଶ୍ଚର୍ଯ୍ୟ ହୋଇ ଯାଉଛ, ନୁହେଁ ? ମିଃ ଚୌଧୁରୀଙ୍କୁ ବନ୍ଦୀ କରି ରଖିବ ତୋ'ପରି କୁକୁରର ସାଧ୍ୟ ନାହିଁ। ଆଉ ହଲଚଲ ହେବାକୁ ଚେଷ୍ଟାକର ନାହିଁ। ଠିକ୍ ଠିକ୍ ବ୍ୟବସ୍ଥା ହୋଇ ସାରିଛି ଏବେ।" ପିସ୍ତଲ ଠେକି କହୁଥିଲେ ମିଃ ଚୌଧୁରୀ।

ପଞ୍ଜାବ ସିଂ, ବାଘ ଯନ୍ତାରେ ପଡ଼ିଲାପରି ହେଉଥିଲା ଯାହା। ଚଞ୍ଚଳ ଆଖି ଦୁଇଟାରେ ଉଦ୍ଭାସିଥିଲା ତାର ଶୟତାନୀ ଗୁହାଣୀ। ବେଶ୍ ଭଲଭାବରେ ତାହା ଲକ୍ଷ୍ୟ କରୁଥିଲେ ମିଃ ଚୌଧୁରୀ। ପୋଲିସ କେତେଜଣ ଅପେକ୍ଷାକରି ରହିଥିଲେ ଦୁଆର ସାମନାରେ; ଅପେକ୍ଷା କେବଳ ଆଦେଶର।

ଦସ୍ୟୁ ମାନେ ହାତକଡ଼ି ପିନ୍ଧାଇ ଦିଆଗଲା ସମସ୍ତଙ୍କ ହାତରେ। ତେଣେ ଗୋଟି ଗୋଟି କରି ଗିରଫ କରିବାରେ ଲାଗିପଡ଼ିଥିଲେ ମି. ଆଲବର୍ଟ, ଏସ୍, ପି, ଆଉ ଶରତ। ସ୍ୱତ ପାହିଲା ବେଳକୁ ଖୁଆଡ଼ରେ ମଇଁଷି ରହିଲା ପରି ପୋଲିସର ସଙ୍ଗୀନ୍ ମୁନ ଆଗରେ ଜବଦ୍ ହୋଇ ରହିଥିଲେ ଡକାୟତ ଦଳ। ସକାଳ ହେବା ସଙ୍ଗେ ସଙ୍ଗେ ପୋଲିସଭ୍ୟାନ୍ ଆସି ପହଞ୍ଚିଲା ମହେନ୍ଦ୍ରଗଡ଼ ଡାକବଙ୍ଗଳାରେ ।

× × × ×

କୋର୍ଟ ଲୋକାରଣ୍ୟ । ମି. ଚୌଧୁରୀଙ୍କ ପ୍ରଶଂସା ସବୁଠି । ଭିତରେ ଗମ୍ଭୀର ହୋଇ ରାୟ ପଢ଼ୁଥିଲେ ଜଜ୍ ...“ପଞ୍ଜାବ ସିଂ । ପବନ ସିଂ । ନସିର ଖାଁ । ଦେଶରେ ନରହତ୍ୟା, ଲୁଣ୍ଠନ, ନାରୀହରଣ, ଆତଙ୍କ ସୃଷ୍ଟି ପ୍ରଭୃତି ଗୁରୁତର ଅପରାଧରେ ତୁମକୁ ଯାବଜ୍ଜୀବନ କାରାଦଣ୍ଡର ଆଦେଶ ଦିଆଗଲା । ଅନ୍ୟ ଅଭିଯୁକ୍ତ ଅସାମୀମାନେ ନରହତ୍ୟାର କାରଣ ନହେଲେ ସୁଦ୍ଧା ସେଥିରେ ଲିପ୍ତ ଥିବା ଯୋଗୁ ଓ ଉପରୋକ୍ତ ଗୁରୁତର ଅପରାଧ ମାନଙ୍କରେ ସହାୟତା କରିଥିବା ଯୋଗୁ ଦଶବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଆଦେଶ ସେମାନଙ୍କ ପ୍ରତି କାଏମ୍ ରଖାଗଲା ।

ଭୂତକୋଠି ଗଭୀର ରଜନୀରେ ଯେଉଁଠି ବୁଲନ୍ତି ନିଶାଚର, ଶୁଭେ ନାରୀର ଚିତ୍କାର, ସେଇଠି କି ଜଣାପର ସନ୍ଧାନ ପାଇଲେ ମିଃ ଚୌଧୁରୀ—ପଢ଼ିଲେ ଜାଣିବେ ତୃତୀୟ ଭାଗ—‘ଭୂତ କୋଠିର ତାଣ୍ଡବ”

ମୁଦ୍ରାକର—ଶ୍ରୀ ମଦନମୋହନ ଦାସ, ମକୁର ପ୍ରେସ, କଟକ